BHI-7
Block-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କଳା (ସମ୍ମାନ)

## ଇତିହାସ (BAHI)

ପ୍ରଧାନ ପାଠ୍ୟକ୍ରମ- ୭

## ଭାରତ ଇତିହାସ-୪

(ଖ୍ରୀ.୧୨୦୬-୧୫୨୬)

## ସୁଲତାନୀ ଶାସନ: ରାଜନୀତିକ ସଂରଚନା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ)

## ପ୍ରଧାନ ପାଠ୍ୟକ୍ରମ-୭

## ଇତିହାସ (BAHI)

**BAHI-07**

ଭାରତ ଇତିହାସ-୪

(ଖ୍ରୀ.୧୨୦୬-୧୫୨୬)

## ବ୍ଲକ୍-୧

# ସୁଲତାନୀ ଶାସନ: ରାଜନୀତିକ ସଂରଚନା

| | |
|---|---|
| ପ୍ରଥମ ଏକକ- | ଉତ୍ସ ସର୍ବେକ୍ଷଣ: (କ) ପାରସୀ ତାରିକ ପରମ୍ପରା, (ଖ) ଦେଶୀୟ ଭାଷା ଇତିହାସ, (ଗ) ଅଭିଲେଖ |
| ଦ୍ୱିତୀୟ ଏକକ- | ଦିଲ୍ଲୀ ସୁଲତାନୀ ଶାସନର ଦୃଢ଼ୀକରଣ: ବଲବନ, ଆଲାଉଦ୍ଦିନ ଖାଲଜି, ମହମ୍ମଦ-ବିନ ତୁଗଲକ |
| ତୃତୀୟ ଏକକ- | ରାଜ ସିଦ୍ଧାନ୍ତ: ଶାସକ ଶିଷ୍ଟ: ଉଲେମା, ସୁଫି ଓ ସାମ୍ରାଜ୍ୟ ସ୍ମାରକ |

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

## ସ୍ନାତକ (ସମ୍ମାନ) କାର୍ଯ୍ୟକ୍ରମ

Core Course HISTORY (BAHI)-7- Odia

ପ୍ରଧାନ ପାଠ୍ୟକ୍ରମ ଇତିହାସ –୭- ଓଡ଼ିଆ

**ତୃତୀୟ ପର୍ଯ୍ୟାୟ (Semester – III)**

**ପାଠ୍ୟକ୍ରମ – ୭ / ବ୍ଲକ୍ - ୧ :** ସୁଲତାନୀ ଶାସନ: ରାଜନୀତିକ ସଂରଚନା

**ପ୍ରଥମ ପ୍ରକାଶ: ୨୦୨୦**

**ମୂଳ ଇଂରାଜୀ ପାଠ:**

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

କୃଷ୍ଣକାନ୍ତ ହାଣ୍ଡିକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗୁଆହାଟୀ

**ଓଡ଼ିଆ ଅନୁବାଦ:**

ପ୍ରାଧ୍ୟାପକ ଡ. କାହ୍ନୁଚରଣ ପାଢ଼ୀ,

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର

**ସମୀକ୍ଷା ଓ ଭାଷା ସମ୍ପାଦନା:**

ପୁଷ୍ପାଞ୍ଜଳୀ ପାଢ଼ୀ, ଗବେଷଣା ନିର୍ଦ୍ଦେଶକ,

ସାମାଜିକ ସାଂସ୍କୃତିକ ଗବେଷଣା ପ୍ରବର୍ତ୍ତନ ବିଦ୍ୟାଳୟ (SSCRI), ବ୍ରହ୍ମପୁର

**ଡିଟିପି ଓ ଅଳଂକରଣ:**

ଶରତ ଚନ୍ଦ୍ର ସାହୁ, ରାମ ନଗର, ବ୍ରହ୍ମପୁର

**ସଂଯୋଜକ:**

ପ୍ରଫେସର ଡକ୍ଟର ପତିତ ପାବନ ମିଶ୍ର, ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା,

ଇତିହାସ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରକାଶକ:**

**ଡକ୍ଟର ମାନସ ରଞ୍ଜନ ପୂଜାରୀ,**

କୁଳସଚିବ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ପ୍ରଥମ ଏକକ: ଉତ୍ସ ସର୍ବେକ୍ଷଣ: (କ) ପାରସୀ ତାରିକ ପରମ୍ପରା, (ଖ) ଦେଶୀୟ ଭାଷା ଇତିହାସ, (ଗ) ଅଭିଲେଖ

**ବିଷୟ ଗଠନ:**


୧.୦ ପଠନର ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ପାରସୀ ସାହିତ୍ୟ

୧.୩ ଦେଶୀୟ ଭାଷାରେ ରଚିତ ଐତିହାସିକ ସାହିତ୍ୟ

୧.୪ ଅଭିଲେଖ

୧.୫ ସାରାଂଶ

୧.୬ ସୂଚକ ଶବ୍ଦାବଳୀ

୧.୭ ପ୍ରଗତି ପରିମାପକ ଉତ୍ତର

୧.୮ ପରବର୍ତ୍ତୀ ପଠନ


## ୧.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ❖ ମଧ୍ୟଯୁଗୀୟ ଭାରତର ଅଧ୍ୟୟନ ପାଇଁ ବିଭିନ୍ନ ପାରସୀ ସାହିତ୍ୟିକ ଉତ୍ସ
- ❖ ମଧ୍ୟକାଳ ଉପରେ ଆଲୋକପାତ କରୁଥିବା ଦେଶୀୟ ସାହିତ୍ୟିକ ବିବରଣ
- ❖ ଦିଲ୍ଲୀ ସୁଲତାନୀ ଶାସନ କାଳର ବିଭିନ୍ନ ଆଭିଲେଖିକ ଉତ୍ସ

## ୧.୧ ଉପକ୍ରମ

ଏଇ ଏକକରେ ଦିଲ୍ଲୀରେ ସୁଲତାନୀ ଶାସନ କାଳର ବିସ୍ତୃତ ଅଧ୍ୟୟନ ପାଇଁ ଉପଲବ୍ଧ ବିଭିନ୍ନ ଉତ୍ସ ଉପରେ ଆଲୋଚନା କରାଯିବ । ମଧ୍ୟଯୁଗୀୟ ଭାରତ ପ୍ରଚୁର ମାତ୍ରାରେ ଉଭୟ ଦେଶୀୟ ଓ

ବୈଦେଶିକ ଉତ୍ସରେ ସମୃଦ୍ଧ । ଦେଶୀୟ ଓ ବୈଦେଶିକ ପର୍ଯ୍ୟଟକଙ୍କ ଅମୂଲ୍ୟ ବିବରଣ ସଙ୍ଗକୁ ମୁଦ୍ରା ଓ ଅଭିଲେଖମାନ ମଧ୍ୟ ମଧ୍ୟଯୁଗୀୟ ଜୀବନର ବିବିଧ ବିଭାବ ଉପରେ ସ୍ୱଷ୍ଟ ଝଲକ ପ୍ରଦାନ କରନ୍ତି । ଏଇ ଏକକରେ ଦିଲ୍ଲୀ ସୁଲତାନୀ ଶାସନ କାଳର ମଧ୍ୟଯୁଗୀୟ ଭାରତ ଇତିହାସର ପୁନର୍ଗଠନ ପାଇଁ ସହାୟକ ବିଭିନ୍ନ ଉତ୍ସ ସମ୍ବନ୍ଧରେ ଆଲୋଚନା କରାଯିବ ।

## ୧.୨ ପାରସୀ ସାହିତ୍ୟ

ଭାରତ ଆଗମନକାରୀ ତୁର୍କମାନଙ୍କ ଇତିହାସ ସମ୍ବନ୍ଧିତ ଆଦି ପାରସୀ କୃତିଗୁଡ଼ିକ ଖ୍ରୀ.୧୨ଶ ଶତାବ୍ଦୀର । ଦିଲ୍ଲୀରେ ସୁଲତାନୀ ଶାସନ ସମ୍ପର୍କିତ ଉପଲବ୍ଧ ପାରସୀ କୃତିଗୁଡ଼ିକ ସୁଲତାନୀ ଶାସନର ଅନ୍ତ ପର୍ଯ୍ୟନ୍ତ ଧାରାବାହିକ ଭାବେ ରଚିତ ହୋଇଛି । ଏଗୁଡ଼ିକରୁ ଅଧିକାଂଶର ଲେଖକ କର୍ମଚାରୀ ଭାବେ ଦରବାର ସହ ସଂପୃକ୍ତ ଥିବା ବେଳେ ଅଳ୍ପ କେତେକ ଥିଲେ ଆନୁଷ୍ଠାନିକ ସମ୍ବନ୍ଧ ବିହୀନ ସ୍ୱାଧୀନ ବିଦ୍ୱାନ । ଉପଲବ୍ଧ ଇତିହାସ ସମୂହ ତେଣୁ ନୀତି ଓ ଘଟଣାବଳୀର ସମାଲୋଚନାତ୍ମକ ମୂଲ୍ୟାୟନ ହେବା ପରିବର୍ତ୍ତେ ସାଧାରଣ ଭାବେ ଘଟଣାଗୁଡ଼ିକର ଆନୁଷ୍ଠାନିକ ବିବରଣରେ ପରିଣତ ହୋଇଛି । ଏ ବିଶାଳ ସଂଖ୍ୟକ କୃତିରେ ଶାସନକାରୀ ସୁଲତାନଙ୍କ ସମାଲୋଚନାମୂଳକ ଉଲ୍ଲେଖ ଖୁବ୍ ବିରଳ । ଏପରିକି ଶୈଳୀ ଦୃଷ୍ଟିରୁ କୃତିଗୁଡ଼ିକ ଯାହାଙ୍କ ଶାସନ କାଳରେ ରଚିତ ସେଇ ସୁଲତାନଙ୍କ ପ୍ରତି ପ୍ରଶଂସାମୂଳକ ଅଥବା ଚାଟୁକାରିତା ପୂର୍ଣ୍ଣ । ଅଧିକାଂଶ କ୍ଷେତ୍ରରେ ପୂର୍ବବର୍ତ୍ତୀ କାଳର ଅନ୍ୱେଷଣ କରି ଅଗ୍ରଗାମୀ କୃତିମାନଙ୍କରୁ ରଚୟିତାମାନେ ମୁକ୍ତ ଭାବେ ଆହରଣ କରିଛନ୍ତି । ପ୍ରତ୍ୟେକ କୃତିର ଆଲୋଚନା କାଳରେ ବିଭିନ୍ନ ବିଦ୍ୱାନ ସମ୍ମୁଖୀନ ହୋଇଥିବା ପ୍ରତିବନ୍ଧକ ସମୂହର ଉଲ୍ଲେଖ ଆମେ କରିବୁ ।

### ହସନ ନିଜାମି

ହସନ ନିଜାମି ହେଉଛନ୍ତି ***ତାଜ-ଉଲ-ମସ୍‌ସିରର*** ରଚୟିତା । ଏହା ଦିଲ୍ଲୀ ସୁଲତାନୀ ଶାସନ ବିଶେଷତଃ କୁତବୁଦ୍ଦିନ ଆଇବାକଙ୍କ ଶାସନକାଳର ଇତିହାସ ଉପରେ ଆଲୋକପାତ କରେ । ଏହା

ଆଇବାକଙ୍କ ସାମରିକ ଅଭିଯାନ ଓ ଖ୍ରୀ.୧୨୧୭ ପର୍ଯ୍ୟନ୍ତ ଇଲତୁତମିସଙ୍କ ଶାସନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବିବରଣ ପ୍ରଦାନ କରେ ।

## ମିହ୍ନାଜ-ଉସ-ସିରାଜ

ମିହ୍ନାଜ-ଉସ-ସିରାଜଙ୍କ *ତବକତ-ଇ-ନାସିରି* ସଙ୍କଳନ ଇତିହାସ ଲିଖନର ଇତିହାସରେ ଯୁଗାନ୍ତର ସୂଚକ । ମିହ୍ନାଜ-ଉସ-ସିରାଜ (ଏଣିକି କେବଳ ମିହ୍ନାଜ କୁହାଯିବ) ଥିଲେ ଜଣେ ଖୁରାସାନୀ ପ୍ରବାସୀ ବିଦ୍ୱାନ । ଇସଲାମ ଏବଂ ଆଦି ଇସଲାମୀୟ କାଳରୁ ତାଙ୍କ ନିଜ ସମୟର ଖ୍ରୀ.୧୨୫୯ ପର୍ଯ୍ୟନ୍ତ ମୁସଲମାନ ଶାସକମାନଙ୍କ ଇତିହାସ ସମ୍ବନ୍ଧିତ ମିହ୍ନାଜଙ୍କ ଦୃଷ୍ଟିଭଙ୍ଗୀ ଜଣେ ବିଧିବେତ୍ତା ଭାବେ ପ୍ରାପ୍ତ ପେସାଗତ ତାଲିମ ତଥା କେନ୍ଦ୍ର ଏସିଆ ଓ ଭାରତର ଶାସକମାନଙ୍କ ସହ ସଂପୃକ୍ତି ଦ୍ୱାରା ପ୍ରଭାବିତ ହୋଇଥିବା ଅନୁମାନ କରାଯାଏ । ସେ ଥିଲେ ଫିରୋଜକୁହ ଓ ଘଜନାର ଘୋରୀ ସୁଲତାନମାନଙ୍କ ଦରବାର ସହ ସଂପୃକ୍ତ ବିଦ୍ୱାନମାନଙ୍କ ପରିବାରର । ସେ ସ୍ୱୟଂ ଭାରତ ପ୍ରବାସନ ପୂର୍ବରୁ ବିଭିନ୍ନ ଘୋରୀ ରାଜକୁମାର ଓ ଅଭିଜାତଙ୍କ ସେବାରେ ନିଯୁକ୍ତ ଥିଲେ । ଖ୍ରୀ.୧୨୨୭ରେ ଭାରତ ଆସି ସେ ନାସିରୁଦ୍ଦିନ କବାଚାଙ୍କ ଦରବାରରେ ଯୋଗ ଦେଲେ । ତାଙ୍କୁ ସୁଲତାନ ନାସିରୁଦ୍ଦିନ କବାଚାଙ୍କ ରାଜଧାନୀ ଉଚ୍ଛର ଫିରୁଜୀ ମଦ୍ରାସାର ମୁଖ୍ୟ ଭାବେ ନିଯୁକ୍ତି ମିଳିଲା । ଖ୍ରୀ.୧୨୨୮ରେ କବାଚାଙ୍କ କ୍ଷମତା ଧ୍ୱସ୍ତ ଏବଂ ତାଙ୍କ ଶାସନାଧୀନ ସିନ୍ଧ ଓ ମୁଲତାନ ଅଞ୍ଚଳର ଦିଲ୍ଲୀ ସୁଲତାନୀ ଶାସନରେ ସମ୍ମିଶ୍ରଣ ପରେ ମିହ୍ନାଜ ସୁଲତାନ ଇଲତୁତମିସଙ୍କ ସେବାରେ ଯୋଗଦାନ କଲେ । ଇଲତୁତମିସଙ୍କ ଶାସନ କାଳରେ ସେ ଥିଲେ ଗ୍ୱାଲିଅରର *କାଜି* । ସୁଲତାନା ରଜିଆ (ଖ୍ରୀ.୧୨୩୬-୧୨୪୦) ତାଙ୍କୁ ଦିଲ୍ଲୀ ତଲବ ପୂର୍ବକ *ମଦ୍ରାସା-ଇ-ନାସିରି*ରେ ମୁଖ୍ୟ ଭାବେ ନିଯୁକ୍ତି ପ୍ରଦାନ କଲେ । ପରେ ସୁଲତାନ ନାସିରୁଦ୍ଦିନ ମାମୁଦଙ୍କ ଶାସନ କାଳରେ ସୁଲତାନୀ ଶାସନର ମୁଖ୍ୟ *କାଜି* ରୂପେ ତାଙ୍କର ଅଭ୍ୟୁତ୍ଥାନ ଘଟିଥିଲା ।

ସୁଲତାନ ନାସିରୁଦ୍ଦିନ ମାମୁଦଙ୍କ ଶାସନ କାଳରେ ସେ ନିଜ ସମୟ ପର୍ଯ୍ୟନ୍ତ ଇସଲାମର ଇତିହାସ ଲିଖନ ପାଇଁ ନିଷ୍ପତ୍ତି ଗ୍ରହଣ କଲେ । ଫଖ୍ର-ଇ ମୁଦବ୍ବିର ଓ ହସନ ନିଜାମିଙ୍କ ଠାରୁ ନିଜ କୃତିକୁ ଭିନ୍ନ କରିବା ପ୍ରୟାସରେ ମିହ୍ନାଜ ଇତିହାସ ଲିଖନର *ତବକତ* ବ୍ୟବସ୍ଥାକୁ ଆପଣାଇ ନେଲେ । ପ୍ରଥମ ଦୁଇ

ଲେଖକ ନିଜ ନିଜ କୃତିକୁ ଏକକ ରୂପେ ପ୍ରସ୍ତୁତ କରିଥିଲେ । ଏଗୁଡ଼ିକରେ ପ୍ରତ୍ୟେକ ଶାସନକୁ ଗୋଟିଏ ଗୋଟିଏ ଏକକ ରୂପେ ଗ୍ରହଣ କରାଯାଇ ଥିଲା । *ତବକତ* ରୂପରେ ଶାସକଙ୍କ ପ୍ରତ୍ୟେକ ବଂଶ ଗୋଟିଏ ସ୍ୱତନ୍ତ୍ର *ତବକା* ବା ଉପବିଭାଗରେ ଉପସ୍ଥାପିତ ହୋଇଥିଲା । ଖ୍ରୀ.୧୨୫୯ରେ ଏହାର ରଚନା ସମାପ୍ତ ହୋଇଥିଲା । ଏହାର ବିଂଶ ଓ ଏକବିଂଶତମ ଉପବିଭାଗ ଭାରତ ପ୍ରତି ସମର୍ପିତ । ଏ ଦୁଇଟିରେ ଯଥାକ୍ରମେ ଆଇବାକଙ୍କ ଠାରୁ ନାସିରୁଦ୍ଦିନ ମାମୁଦ ସାହଙ୍କ ପର୍ଯ୍ୟନ୍ତ ସୁଲତାନମାନଙ୍କ ଇତିହାସ ଏବଂ ଇଲତୁତମିସଙ୍କ ନେତୃସ୍ଥାନୀୟ ଅଭିଜାତମାନଙ୍କ ଜୀବନଯାତ୍ରା ବର୍ଣ୍ଣିତ । ଉଭୟ ଉପବିଭାଗରେ ଲେଖକ ଘଟଣାବଳୀ ଉପରେ ବିବେଚନାତ୍ମକ ସୂଚନା ପ୍ରକଟନରେ ତାଙ୍କ ସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି ।

**ଇସାମି**

ଇସାମିଙ୍କ *ଫୁତୁ-ଉସ-ସଲାତିନ* ଭାରତର ମୁସଲମାନ ଶାସକମାନଙ୍କର ଏକ ଛନ୍ଦୋବଦ୍ଧ ଇତିହାସ । ସୁଲତାନ ମାମୁଦ ଘଜନୀଙ୍କ ରାଜତ୍ୱ(ଖ୍ରୀ.୯୯୯-୧୦୩୦)ର ବିବରଣରୁ ଆରବ୍ଧ ଏ ଗ୍ରନ୍ଥ ସୁଲତାନ ମହମ୍ମଦ ତୁଗଲକଙ୍କ ବିରୋଧରେ ବିଦ୍ରୋହ ପୂର୍ବକ ଖ୍ରୀ.୧୩୫୦ରେ ଆଲାଉଦ୍ଦିନ ବାହମନ ସାହଙ୍କ ଦ୍ୱାରା ଦାକ୍ଷିଣାତ୍ୟରେ ବାହମନୀ ଶାସନ ପ୍ରତିଷ୍ଠାରେ ସମାପ୍ତ ହୋଇଛି । ଲେଖକଙ୍କ ସମ୍ବନ୍ଧରେ ବିଶେଷ ଜଣାଯାଉ ନ ଥିଲେ ମଧ୍ୟ ତାଙ୍କ ପୂର୍ବଜଗଣ ସୁଲତାନ ଇଲତୁତମିସଙ୍କ ସମୟରୁ ଦିଲ୍ଲୀ ଦରବାରରେ ନିଯୁକ୍ତି ପାଇଥିବା ସୂଚନା ମିଳେ । ଜିଆଉଦ୍ଦିନ ବରାନି ସୁଲତାନ ବଲବନଙ୍କ ନେତୃସ୍ଥାନୀୟ ଅଭିଜାତମାନଙ୍କ ତାଲିକାରେ ଏକ ଇସାମି ପରିବାରକୁ ଅନ୍ତର୍ଭୁକ୍ତ କରିଛନ୍ତି । ଇସାମିଙ୍କ ଲାଳନପାଳନ ତାଙ୍କ ପିତାମହ ଇଜୁଦ୍ଦିନ ଇସାମିଙ୍କ ଦ୍ୱାରା ହୋଇଥିଲା । ସେ ଥିଲେ ଜଣେ ସେବା-ନିବୃତ୍ତ ଅଭିଜାତ । ଖ୍ରୀ.୧୩୨୭ରେ ତାଙ୍କ ପରିବାରକୁ ବଳପୂର୍ବକ ଦୌଲତାବାଦ ସ୍ଥାନାନ୍ତରଣ କରାଗଲା ବେଳେ ଇସାମି ଥିଲେ ଜଣେ କିଶୋର । ଯାତ୍ରା କାଳରେ ପିତାମହଙ୍କର ମୃତ୍ୟୁ ଘଟିଲା ଏବଂ କିଶୋର ଇସାମିଙ୍କ ହୃଦୟ ସୁଲତାନ ମହମ୍ମଦ ତୁଗଲକଙ୍କ ପ୍ରତି ଘୃଣାରେ ଭରିଗଲା । ତାଙ୍କ ବିବରଣରେ ସୁଲତାନ ମହମ୍ମଦ ତୁଗଲକଙ୍କ ପ୍ରତି ବିଦ୍ୱେଷ ସର୍ବଥା ପରିସ୍ଫୁଟ ଏବଂ ସତର୍କତାର ସହ ଏହାର ଅନୁଧ୍ୟାନ କରାଯିବା ଆବଶ୍ୟକ ।

ଇସାମିଙ୍କ ବିବରଣର ଆଦ୍ୟାଂଶର ଆଧାର ସମୟ କ୍ରମେ ତାଙ୍କର ହସ୍ତଗତ ହୋଇଥିବା ଜନପ୍ରିୟ କିମ୍ବଦନ୍ତୀ ଓ ମୌଖିକ ପରମ୍ପରା । ଭାରତର ଆଦ୍ୟ ସୁଲତାନମାନଙ୍କ ସମ୍ବନ୍ଧରେ ତାଙ୍କ ବିବରଣର ଆଧାର ମଧ୍ୟ ଜନପ୍ରିୟ ଆଖ୍ୟାୟିକା ସମେତ ପୂର୍ବବର୍ତ୍ତୀ କୃତିମାନଙ୍କରୁ ତାଙ୍କୁ ପ୍ରାପ୍ତ ଐତିହାସିକ ତଥ୍ୟ । କିନ୍ତୁ ସୁଲତାନ ଆଲାଉଦ୍ଦିନ ଖାଲଜିଙ୍କ ଶାସନ କାଳରୁ ଐତିହାସିକ ଘଟଣାବଳୀର ପୁଙ୍ଖାନୁପୁଙ୍ଖତା ଅତ୍ୟନ୍ତ ପ୍ରାମାଣିକ । ଏହାର ପରିପୁଷ୍ଟି ଏବଂ ପରିପୂରଣକାରୀ ମହତ୍ୱ ଅବିସମ୍ବାଦିତ । ଏହି ଅଂଶରେ ଇସାମି ଖାଲଜି ଠାରୁ ତୁଗଲକ କାଳ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଦିଲ୍ଲୀ ସୁଲତାନୀ ଶାସନର ସେନା ନାୟକମାନେ ଚଳାଇ ରଖିଥିବା ଅବରୋଧ ଅଭିଯାନ ସମ୍ବନ୍ଧରେ ବରାନିଙ୍କ *ତାରିକ-ଇ ଫିରୋଜସାହି*ରେ ନିହିତ ସୂଚନାକୁ ପରିପୁଷ୍ଟ କରିଛନ୍ତି । ଦ୍ୱିତୀୟ ସର୍ବାଧିକ ମହତ୍ୱପୂର୍ଣ୍ଣ ନଗର ଭାବେ ମହମ୍ମଦ ବିନ ତୁଗଲକଙ୍କ ଦ୍ୱାରା ଦୌଲତାବାଦର ପ୍ରତିଷ୍ଠା ବର୍ଣ୍ଣନା ଏବଂ ଆଲାଉଦ୍ଦିନ ଖାଲଜିଙ୍କ ଅଧୀନରେ ଦିଲ୍ଲୀର ସାମାଜିକ-ଆର୍ଥନୀତିକ ଅଭିବୃଦ୍ଧି ତଥା ଅପର ନଗରଗୁଡ଼ିକର ବିବରଣ ଚିତ୍ରାତ୍ମକ ଓ ଅନ୍ତର୍ଦୃଷ୍ଟି ପୂର୍ଣ୍ଣ । ଐତିହାସିକ ଘଟଣାର କାରଣ ଓ ପ୍ରଭାବ ବିଶ୍ଲେଷଣରେ କେବଳ ଇସାମି ହିଁ ବରାନିଙ୍କ ପୂର୍ବସୂରୀ ।

### ଜିଆଉଦ୍ଦିନ ବରାନି

ବରାନି ନିଃସନ୍ଦେହରେ ମଧ୍ୟଯୁଗୀୟ ଭାରତର ଅଗ୍ରଣୀ ଭାରତୀୟ-ପାରସୀ ଐତିହାସିକ । ପୀଢ଼ି ପରେ ପୀଢ଼ି ଦିଲ୍ଲୀ ଦରବାର ସହ ସଂଶ୍ଲିଷ୍ଟ ଏକ ଅଭିଜାତ ପରିବାରରେ ଜନ୍ମ ନେଇଥିବା ବରାନି ପ୍ରତ୍ୟକ୍ଷ ରୂପେ ଦିଲ୍ଲୀ ସୁଲତାନୀ ଶାସନର ଭାଗ୍ୟ ନେଇ ଥିଲେ ଚିନ୍ତାଶୀଳ । ସେ ତାଙ୍କ ସମୟର ଶାସକ ଶିଷ୍ଟମାନଙ୍କ ପ୍ରବୋଧନ ପାଇଁ *ତାରିକ-ଇ ଫିରୋଜସାହି* ମାଧ୍ୟମରେ ଏକ ବୌଦ୍ଧିକ କୃତି ଉପସ୍ଥାପନ ସ୍ୱୀୟ କର୍ତ୍ତବ୍ୟ ବୋଲି ବିଶ୍ୱାସ ରଖିଥିବା ଅନୁମାନ କରାଯାଏ ।

ଖ୍ରୀ.୧୨୬୬ରେ ସୁଲତାନ ବଲବନଙ୍କ ଦିଲ୍ଲୀ ସିଂହାସନ ଆରୋହଣରୁ ବରାନିଙ୍କ *ତାରିକ* ଆରମ୍ଭ ଏବଂ ଖ୍ରୀ.୧୩୫୬ରେ ସୁଲତାନ ଫିରୋଜସାହ ତୁଗଲକଙ୍କ ପ୍ରଥମ ଛ' ବର୍ଷର ବିବରଣ ପ୍ରଦାନରେ ଏହା ପରିସମାପ୍ତ । ତାଙ୍କ ସମୟ ପର୍ଯ୍ୟନ୍ତ ପ୍ରଚଳିତ ପାରସୀ ଇତିହାସ ଲିଖନ ପରମ୍ପରାରେ ବରାନିଙ୍କ *ତାରିକ*ର ସ୍ଥିତି ଅନନ୍ୟ । ସେ ପ୍ରଥମ ଥର ପାଇଁ ଘଟଣା ତଥା ଶାସନତନ୍ତ୍ର ଓ ଅର୍ଥବ୍ୟବସ୍ଥାରେ

ଘଟୁଥିବା ବିକାଶ ସମୂହର କାରଣ ଓ ପ୍ରଭାବ ବିଶ୍ଳେଷଣ ନିମିତ୍ତ ପ୍ରୟାସ କରିଛନ୍ତି । ଆଲାଉଦ୍ଦିନ ଖାଲଜିଙ୍କ ଆର୍ଥିକ ନୀତି ଓ ପଦକ୍ଷେପ ସଂକ୍ରାନ୍ତ ତାଙ୍କ ବିବରଣରେ ବରାନି ନୀତି ନିର୍ଦ୍ଧାରଣର କାରଣ ତଥା ସେଗୁଡ଼ିକର ପ୍ରଭାବ ନେଇ ବିଶ୍ଳେଷଣ ଉପସ୍ଥାପନ କରିଛନ୍ତି ।

ଐତିହାସିକଙ୍କ ଦାୟିତ୍ୱ କେବଳ ଶାସକମାନଙ୍କ କାର୍ଯ୍ୟ ଓ ସତ୍‌କର୍ମର ପ୍ରଶଂସା ନୁହେ ପାଠକ ସମ୍ମୁଖରେ ସେମାନଙ୍କ ନୀତିର ଦୋଷତ୍ରୁଟିର ବିବେଚନାତ୍ମକ ବିବରଣ ମଧ୍ୟ ଉପସ୍ଥାପନ ବୋଲି ବରାନି ଘୋଷଣା କରିଛନ୍ତି । ଅଧିକନ୍ତୁ ବୁଦ୍ଧିଜୀବୀ, ବିଦ୍ୱାନ, କବି ଓ ସନ୍ଥମାନେ ନିର୍ବାହ କରୁଥିବା ସାଂସ୍କୃତିକ ଭୂମିକାର ଅନ୍ତର୍ଭୁକ୍ତୀକରଣ ଫଳରେ ବରାନିଙ୍କ ଦ୍ୱାରା ଇତିହାସର ପରିସର ଯଥେଷ୍ଟ ପ୍ରଶସ୍ତ ହୋଇଛି । ବରାନିଙ୍କ ଇତିହାସ ଲିଖନ ଶୈଳୀ ପରବର୍ତ୍ତୀ କାଳର ଐତିହାସିକମାନଙ୍କ ପାଇଁ ପ୍ରେରଣାପ୍ରଦ ହୋଇଛି । ସେମାନଙ୍କ ମଧ୍ୟରୁ ଅନେକେ ତାଙ୍କ ଭାବଧାରାର ଅନୁଗମନ କରିଛନ୍ତି ।

ପାଟନାର ଖୁଦା ବକ୍ସ ପାଠାଗାରରେ ଉପଲବ୍ଧ *ସିରାତ-ଇ ଫିରୋଜସାହି*ର ବିରଳ ପାଣ୍ଡୁଲିପିଟିରେ ଲେଖକଙ୍କ ନାମ ମିଳେ ନାହିଁ । ଖ୍ରୀ.୧୩୭୦-୧୩୭୧ ପର୍ଯ୍ୟନ୍ତ ଫିରୋଜସାହଙ୍କ ଶାସନର ଏହା ଏକ ଆନୁଷ୍ଠାନିକ ଇତିହାସ । ସୁଲତାନ ଫିରୋଜସାହଙ୍କ ସାମରିକ ଓ ଶିକାର ଅଭିଯାନର ପୁଙ୍ଖାନୁପୁଙ୍ଖ ବିବରଣ ସମେତ ଏଥିରେ ଧାର୍ମିକ ସମ୍ପ୍ରଦାୟ, ସୁଫି, ଉଲେମା, ସମାଜନୈତିକ ବିଷୟ, ଖଗୋଳବିଦ୍ୟା, ଭେଷଜ, ଔଷଧ ବିଜ୍ଞାନ ଭଳି ବିଜ୍ଞାନ ଓ ପ୍ରଯୁକ୍ତି ସମ୍ବନ୍ଧିତ ଚିତ୍ତାକର୍ଷକ ସୂଚନା ରହିଛି । ଏହା ବାସ୍ତବରେ ସୁଲତାନଙ୍କ ବହୁମୁଖୀ କ୍ରିୟାକଳାପ, ଯୋଗ୍ୟତା ଓ ଜନୋପଯୋଗୀ କାର୍ଯ୍ୟ ପ୍ରତି ତାଙ୍କ ଅବଦାନର ଏକ ସାରସଂଗ୍ରହ । ଜଳାଶୟ ଓ କେନାଲ ନିର୍ମାଣ, ନୂତନ ନଗର ଓ ଦୁର୍ଗ ପ୍ରତିଷ୍ଠା ଏବଂ ପ୍ରାଚୀନ ସ୍ମାରକର ପୁନରୁଦ୍ଧାର ଏଥିରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣିତ ।

**ଫିରୋଜସାହ ତୁଗଲକ**

*ଫତହତ-ଇ ଫିରୋଜସାହି* ମୂଳତଃ ଫିରୋଜସାହଙ୍କ ରାଜଧାନୀର ଜାମା ମସଜିଦ ପ୍ରାଚୀରରେ ଖୋଦିତ ଏକ ଅଭିଲେଖ । ପରେ ଏହାର ନକଲ କରାଯାଇ ଏକ ପୁସ୍ତକ ରୂପେ ସଂରକ୍ଷିତ ହୋଇଛି ।

ଏ ଅଭିଲେଖ ଖୋଦନ ପଶ୍ଚାତ୍‌ରେ ସୁଲତାନଙ୍କ ଅଭିଳାଷ ଥିଲା ଜନକଲ୍ୟାଣ ଉଦ୍ଦେଶ୍ୟରେ ସେ କରିଥିବା ସଂସ୍କାର ଓ ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ।

**ସାମସ ସିରାଜ ଅଫିଫ**

ଏ ସମୟର ଅନ୍ୟ ଜଣେ ଐତିହାସିକ ସାମସ ସିରାଜ ଅଫିଫ ସମ୍ଭବତଃ ଫିରୋଜସାହ ତୁଗଲକଙ୍କ ଶାସନର ଶେଷ ବର୍ଷଗୁଡ଼ିକରେ ସୁଲତାନଙ୍କ ସେବାରେ ନିଯୁକ୍ତ ଥିଲେ । ତାଙ୍କ ପ୍ରପିତାମହ ମାଲିକ ସିହାବ ଅଫିଫ ଆଲାଉଦ୍ଦିନଙ୍କ ଶାସନ କାଳରେ ଗାଜି ମାଲିକଙ୍କ ଅଧୀନରେ ଦିପାଲପୁର ପ୍ରଦେଶରେ ରାଜସ୍ୱ ଅଧିକାରୀ ଭାବେ କର୍ମରତ ଥିବା ସେ ଉଲ୍ଲେଖ କରିଛନ୍ତି । ତାଙ୍କ ପିତା ଓ ପିତୃବ୍ୟ ଫିରୋଜସାହଙ୍କ କାରଖାନାର ପରିଚାଳନା ତଦାରଖ କରୁଥିଲେ । ଖ୍ରୀ.୧୩୮୮ରେ ଫିରୋଜସାହଙ୍କ ମୃତ୍ୟୁ ପରବର୍ତ୍ତୀ ଅବ୍ୟବସ୍ଥା ଓ ଅରାଜକତା ଯୋଗୁଁ ସେ ସମ୍ଭବତଃ ସେବାନିବୃତ୍ତ ହୋଇ ସୁଲତାନ ଗିୟାସୁଦ୍ଦିନ ତୁଗଲକସାହ(ଖ୍ରୀ.୧୩୨୦-୧୩୨୪)ଙ୍କ ଶାସନ କାଳରୁ ସୁଲତାନୀ ଶାସନର ଇତିହାସ ରଚନାରେ ବ୍ୟାପୃତ ହେଲେ । ପ୍ରତ୍ୟେକ ସୁଲତାନଙ୍କ ଶାସନ ପ୍ରତି ସମର୍ପିତ ଗୋଟିଏ ଭାଗ ହିସାବରେ ସେ ବହୁ ଭାଗରେ ତାଙ୍କ କୃତି ରଚନା କରିଥିବା ଉଲ୍ଲେଖ କରିଛନ୍ତି । ଏ ମଧ୍ୟରୁ ସୁଲତାନ ଫିରୋଜସାହଙ୍କ ଶାସନ ପ୍ରତି ନିବେଦିତ କେବଳ ଗୋଟିଏ ଭାଗ କାଳର କରାଳ ଗ୍ରାସରୁ ବର୍ତ୍ତି ପାରିଛି । ଖ୍ରୀ.୧୩୯୮ରେ ସମ୍ଭବତଃ ତିମୁରଙ୍କ ଦିଲ୍ଲୀ ଆକ୍ରମଣ ପରେ ଏହା ସମ୍ପୂର୍ଣ୍ଣ ହୋଇଛି । ଏ କୃତି ଅତୀତର ସ୍ମୃତିରେ ଭରପୂର । ଏଥିରେ ଫିରୋଜସାହ ଜଣେ ସନ୍ଥ ଶାସକ ରୂପେ ଚିତ୍ରିତ; ସିଂହାସନରେ ତାଙ୍କ ଉପସ୍ଥିତି ଦିଲ୍ଲୀକୁ ପ୍ରତ୍ୟେକ ଦୁର୍ବିପାକରୁ ରକ୍ଷା କରିଥିବା ବର୍ଣ୍ଣିତ । ଏଇ କାରଣରୁ ସେ ସଂଶିତ ଭାଗଟିକୁ ଜଣେ ସନ୍ଥଙ୍କ ଆଧାତ୍ମିକ ଜୀବନୀ ଭଳି *ମନାକ୍ବିବ* (ସଦ୍‌ଗୁଣ ସଂଗ୍ରହ) ରୂପେ ରଚନା କରିଛନ୍ତି । କୃତିଟିର ସମ୍ପାଦକମାନେ ଏହାକୁ *ତାରିକ-ଇ ଫିରୋଜସାହି* ରୂପେ ନାମିତ କରିଛନ୍ତି ।

ଏ ସମୟର ଅପର ମହତ୍ୱପୂର୍ଣ୍ଣ ପାରସୀ କୃତି ହେଉଛି ଖ୍ରୀ.୧୪୩୪ରେ ରଚିତ ୟାହ୍ୟା ବିନ ଅହମଦ ସରହିନ୍ଦିଙ୍କ ତାରିକ-ଇ ମୁବାରକସାହି, ସିହାବ ହକିମଙ୍କ ମାସିର-ଇ ମାମୁଦସାହି, ଅବଦୁଲ ହୁସେନ ତୁନିଙ୍କ ମାସିର-ଇ ମାମୁଦସାହି, ମହମ୍ମଦ ବିହମଦ ଖାନିଙ୍କ ତାରିକ-ଇ ମହମ୍ମଦି ଇତ୍ୟାଦି ।

## ୧.୩ ଦେଶୀୟ ଭାଷାରେ ରଚିତ ଐତିହାସିକ ସାହିତ୍ୟ

ସାହିତ୍ୟ କ୍ଷେତ୍ରରେ ଦିଲ୍ଲୀ ସୁଲତାନୀ ଶାସନର ବିଲକ୍ଷଣତା ଥିଲା ବିଭିନ୍ନ ଆଞ୍ଚଳିକ ଭାରତୀୟ ଭାଷାରେ ସାହିତ୍ୟ ରଚନାର ପ୍ରାରମ୍ଭ । ଏ କାଳରେ ରଚିତ କୃତିଗୁଡ଼ିକ ଏ ସମୟର ଇତିହାସର ପୁନର୍ଗଠନ ପାଇଁ ଖୁବ୍ ଉପଯୋଗୀ । ଏଠାରେ ଏଭଳି କେତେକ ପ୍ରଖ୍ୟାତ କୃତି ସମ୍ବନ୍ଧରେ ଆଲୋଚନା କରାଯାଉଛି ।

ଖ୍ରୀ.୧୨ଶ ଶତାବ୍ଦୀର ଭାରତୀୟ ରାଜା ପୃଥ୍ୱିରାଜ ଚୌହାନ(ଖ୍ରୀ.୧୧୬୬-୧୧୯୨)ଙ୍କ ଜୀବନ ସମ୍ବନ୍ଧରେ ବ୍ରଜଭାଷାରେ ରଚିତ ଏକ ମହାକାବ୍ୟ ହେଉଛି ପୃଥ୍ୱିରାଜ ରାସୋ । ଏ କାବ୍ୟ ରଚନାର ଶ୍ରେୟ ଚନ୍ଦ ବରଦାଇଙ୍କୁ ଦିଆଯାଏ । କାବ୍ୟଟିର ବର୍ଣ୍ଣନା ମତେ ସେ ଥିଲେ ପୃଥ୍ୱିରାଜଙ୍କ ସଭାକବି । ପରମ୍ପରା ଅନୁଯାୟୀ ଚନ୍ଦ ବରଦାଇ ଓ ପୃଥ୍ୱିରାଜଙ୍କ ମୃତ୍ୟୁ ବର୍ଣ୍ଣିତ ହୋଇଥିବା କାବ୍ୟଟିର ଶେଷ ଛାନ୍ଦର ରଚୟିତା ଚନ୍ଦ ବରଦାଇଙ୍କ ପୁତ୍ର ଜହ୍ଲଣ ବୋଲି କୁହାଯାଏ ।

ଖ୍ରୀ.୧୫ଶ ଶତାବ୍ଦୀର ଭାରତୀୟ ସଂସ୍କୃତ ଭାଷାରେ ରଚିତ ହମ୍ମୀର ମହାକାବ୍ୟର ରଚୟିତା ଜୈନ ବିଦ୍ୱାନ ନୟଚନ୍ଦ୍ର ସୁରି । ଏହା ଖ୍ରୀ.୧୩ଶ ଶତାବ୍ଦୀର ଚହମଣ ରାଜା ହମ୍ମୀରଙ୍କ କୈମ୍ବଦନ୍ତୀକ ଜୀବନୀ । ଐତିହାସିକ ଦୃଷ୍ଟିକୋଣରୁ ସାମଗ୍ରିକ ଭାବେ ଯଥାର୍ଥ ନ ହେଲେ ସୁଦ୍ଧା କୃତିଟି ମଧ୍ୟଯୁଗୀୟ ଉତ୍ତରପଶ୍ଚିମ ଭାରତର ଇତିହାସ ସମ୍ବନ୍ଧରେ ମୂଲ୍ୟବାନ ସୂଚନା ପ୍ରଦାନ କରେ ।

କାବ୍ୟଟିର ବୃହତ୍ ଅଂଶର ଉପଜୀବ୍ୟ ହମ୍ମୀରଙ୍କ ବଂଶାବଳୀ ଏବଂ ପଡ଼ୋଶୀ ହିନ୍ଦୁ ରାଜ୍ୟଗୁଡ଼ିକ ଉପରେ ତାଙ୍କର ବିଜୟ ପ୍ରାପ୍ତି । ଶେଷ ତୃତୀୟ ଅଂଶଟିରେ ଆଲାଉଦ୍ଦିନ ଖାଲଜିଙ୍କ ସହ ତାଙ୍କ ସଂଘର୍ଷ ବର୍ଣ୍ଣିତ । କୃତିଟିରେ ଆଲାଉଦ୍ଦିନଙ୍କ ବିରୋଧରେ ହମ୍ମୀରଙ୍କ ପରାଜୟର କାରଣ ସ୍ୱରୂପ ଅଧିକାରୀମାନଙ୍କ ବିଶ୍ୱାସଘାତକତାକୁ ଦର୍ଶାଯାଇଛି ।

*ମାଦଳାପାଞ୍ଜି* ପୁରୀ ଜଗନ୍ନାଥ ମନ୍ଦିରର ଇତିବୃତ୍ତ । ମହାପ୍ରଭୁ ଜଗନ୍ନାଥ ଅଥବା ଜଗନ୍ନାଥ ମନ୍ଦିର ସମ୍ପର୍କିତ ଓଡ଼ିଶାର ଐତିହାସିକ ଘଟଣା ଏଥିରେ ବର୍ଣ୍ଣିତ । ପାଞ୍ଜି ଆରମ୍ଭ ହେବାର ନିର୍ଦ୍ଦିଷ୍ଟ ତାରିଖ ଜଣାଯାଉ ନ ଥିଲେ ହେଁ ଖ୍ରୀ.୧୨ଶ ଅଥବା ଖ୍ରୀ.୧୪ଶ ଶତାବ୍ଦୀରେ ଏହା ଆରମ୍ଭ ହୋଇଥାଇ ପାରେ ବୋଲି ବିଶ୍ୱାସ କରାଯାଏ । ପାଞ୍ଜି ଓଡ଼ିଆ ଭାଷାର ଆଦି କାଳର ଏକ ଅତ୍ୟୁତ୍କୃଷ୍ଟ ଶାସ୍ତ୍ରୀୟ ସାହିତ୍ୟ କୃତି । ଭାରତୀୟ ଦେଶୀୟ ଭାଷାରେ ଏହାର ସମାନ୍ତର କ୍ୱଚିତ୍ ଉପଲବ୍ଧ । ଶ୍ରୀଲଙ୍କାର ରାଜବଂଶମ୍, କାଶ୍ମୀରର ରାଜତରଙ୍ଗିଣୀ ଏବଂ ଆସାମର ବୁରୁଞ୍ଜି ସହ ଏହା ତୁଳନୀୟ । ଖ୍ରୀ.୧୨ଶ ଶତାବ୍ଦୀରେ ତାଳପତ୍ରରେ ଲିଖିତ ପ୍ରାଚୀନତମ ଗଦ୍ୟ ମାଦଳାପାଞ୍ଜିରୁ ମିଳେ ।

ଅପର ମହତ୍ୱପୂର୍ଣ୍ଣ କୃତି ହେଉଛି ଚହ୍ୱାଣ ଶାସକଙ୍କ ସମ୍ବନ୍ଧରେ ମୂଲ୍ୟବାନ ସୂଚନାର ଉତ୍ସ ଚନ୍ଦ୍ରଶେଖରଙ୍କ *ଶୁରଜନ ଚରିତ କାବ୍ୟ* ଏବଂ ବଙ୍ଗଳାରେ ମୁସଲମାନ ଶାସନ ସମ୍ବନ୍ଧରେ ଐତିହାସିକ ତଥ୍ୟ ପ୍ରଦାନକାରୀ ବଙ୍ଗାଳୀ ପଦ୍ୟ କାହାଣୀ *ରସମାଳା* ।

## ୧.୪ ଅଭିଲେଖ

ସୁଲତାନୀ ଶାସନ କାଳର ସ୍ମାରକଗୁଡ଼ିକରୁ ହିନ୍ଦୁ ଓ ମୁସଲମାନ ସ୍ଥାପତ୍ୟ ପରମ୍ପରାର ଅନ୍ତର୍ମିଳନ ପ୍ରବୃତ୍ତି ପ୍ରକଟିତ ହୁଏ ଏବଂ ଏଗୁଡ଼ିକର ସାଂରଚନିକ ଅଭିକଳ୍ପନା ସେ ସମୟର ସାର୍ବଭୌମ ଓ ଅଭିଜାତମାନଙ୍କ ସାମାଜିକ-ସାଂସ୍କୃତିକ ଦୃଷ୍ଟିକୋଣ ଉପରେ ଆଲୋକପାତ କରେ । ଦକ୍ଷିଣ ଭାରତରୁ ପ୍ରାପ୍ତ ଆଦି ମଧ୍ୟଯୁଗର ତିନୋଟି ଲିପି ହେଉଛି ଗ୍ରନ୍ଥ, ତାମିଲ ଓ ଓ୍ୱଟ୍ଟେଲୁଭୁ । ପ୍ରଥମ ଲିପି ସଂସ୍କୃତ ଏବଂ ଅପର ଦୁଇଟି ଲିପି ତାମିଲ ଲିଖନ ପାଇଁ ବ୍ୟବହୃତ ହେଉଥିଲା । ଦକ୍ଷିଣରୁ ବହୁ ତାମିଲ ଦାନ ଅଭିଲେଖ ପ୍ରାପ୍ତ ହୋଇଛି । ବିଶେଷତଃ ରାଜକୀୟ ଭୂମିଦାନ ଅଥବା ଧାର୍ମିକ ମୂର୍ତ୍ତି ପ୍ରତିଷ୍ଠା ଅବସରରେ ପ୍ରାଚୀର, ଦ୍ୱାରମାର୍ଗ ଓ ବାଡ଼ାରେ ପ୍ରସ୍ତର ଅଥବା ତାମ୍ରପତ୍ରରେ ଅଭିଲେଖ ଉତ୍କୀର୍ଣ୍ଣ ହେଉଥିଲା ।

ଅଭିଲେଖଗୁଡ଼ିକ ଲିପିବଦ୍ଧ ହୋଇଥିବା ନିର୍ଦ୍ଦିଷ୍ଟ ଘଟଣାର ଐତିହାସିକ ମୁହୂର୍ତ୍ତକୁ ଧରିରଖିଛି । ଏଗୁଡ଼ିକ ମନ୍ଦିର ବା ମସଜିଦର ପ୍ରାଚୀର, ସ୍ତମ୍ଭ ଅଥବା ପ୍ରସ୍ତର ଖଣ୍ଡରେ ଉପଲବ୍ଧ ହୁଏ । ଦକ୍ଷିଣ ଭାରତର ଅଭିଲେଖଗୁଡ଼ିକ ଧାର୍ମିକ ଦାନ ପ୍ରଥା ଉପରେ ଆଲୋକପାତ କରେ । କେବଳ ଗୁରୁ ପରମ୍ପରାର ଶିଷ୍ଟମାନଙ୍କୁ ଭୂମିଦାନ କରାଯାଉ ଥିବା ବିପରୀତରେ ଅଭିଲେଖଗୁଡ଼ିକରେ ବହୁ ସମୟରେ ଭିନ୍ନ ଭିନ୍ନ ପୃଷ୍ଠଭୂମିର ବିବିଧ ଗୋଷ୍ଠୀର ଉଲ୍ଲେଖ ରହିଥିବା କେତେକ ବିଦ୍ୱାନ ବିଶ୍ୱାସ କରନ୍ତି । ଅଭିଲେଖରେ ରାଜନ୍ୟ ଓ ପୁରୋହିତ ଶ୍ରେଣୀ ଅତିରିକ୍ତ କୃଷକ, ଯୋଦ୍ଧା, ସେମାନଙ୍କ ପତ୍ନୀ ଓ କନ୍ୟାମାନଙ୍କ ଉଲ୍ଲେଖ ରହିଛି । ଧାର୍ମିକ ଦାନ ଛଳରେ ଅଭିଲେଖଗୁଡ଼ିକ ରାଜନୀତିକ ଓ ସାମାଜିକ ସଂରଚନା ସମ୍ବନ୍ଧରେ ସାମାଜିକ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବହୁ କଥା ପ୍ରକଟ କରନ୍ତି ।

ବିଭିନ୍ନ ଗ୍ରାମୀଣ ସମୁଦାୟକୁ ବୁଝିବା ପାଇଁ ଅଭିଲେଖ ବିଶେଷତଃ ଶିଳାଲେଖଗୁଡ଼ିକର ଉପଯୋଗ ନୋବୁରୁ କରସିମା କରୁଥିଲେ । ଅପର ବହୁ ବିଷୟ ସମେତ ଆଞ୍ଚଳିକ ରାଜ୍ୟଗୁଡ଼ିକର କାଳାନୁକ୍ରମିକ ସଂରଚନା ନିର୍ମାଣ, ଧାର୍ମିକ ଅନୁଷ୍ଠାନର କାର୍ଯ୍ୟବିଧି ସମ୍ବନ୍ଧରେ ଆମ ଜ୍ଞାନର ଗଭୀରତା ବୃଦ୍ଧି ଏବଂ ପୃଷ୍ଠପୋଷକତାର ଭୂମିକା ସମ୍ବନ୍ଧରେ ଅଭିଲେଖଗୁଡ଼ିକ ସହାୟକ ହୁଅନ୍ତି ।

ବଣିକ ପରିବାରମାନଙ୍କ ଦ୍ୱାରା ରଚିତ ଆଭିଲେଖିକ ଦଲିଲମାନ ଦିଲ୍ଲୀରୁ ପ୍ରାପ୍ତ ହୋଇଛି । ଖ୍ରୀ.୧୨୭୬ରେ ପଣ୍ଡିତ ଯୋଗୀଶ୍ୱର ସଂସ୍କୃତ ଭାଷାରେ ପାଲମ ବାଓଲୀ ଅଭିଲେଖ ରଚନା କରିଥିଲେ । ଦିଲ୍ଲୀରୁ ପ୍ରାପ୍ତ ସରବନ ଶିଳାଲେଖରେ ସରବନ ଗ୍ରାମରେ ଏକ କୂପ ନିର୍ମାଣର ଉଲ୍ଲେଖ ସଂସ୍କୃତ ଭାଷାରେ କରାଯାଇଛି । ଏ ଅଭିଲେଖରେ 'ମ୍ଳେଚ୍ଛ' ଓ 'ତୁରୁସ୍କ' ଶବ୍ଦ ଦୁଇଟି ବ୍ୟବହୃତ ହୋଇଛି ।

ମୁସଲମାନ ଅଭିଲେଖଗୁଡ଼ିକରେ ସାଧାରଣତଃ ନିର୍ମାତାଙ୍କ ନାମ, ନିର୍ମାଣର ଟିକିନିଖି ବିବରଣୀ ଏବଂ ଯାହାଙ୍କ ପୃଷ୍ଠପୋଷକତା ଅଥବା ସୁରକ୍ଷାରେ ନିର୍ମାଣ କାର୍ଯ୍ୟ କରାଯାଇଛି ସେଇ ଶାସକଙ୍କ ନାମ ମିଳେ । ତେବେ ଐତିହାସିକ ଘଟଣାବଳୀକୁ ଯୋଡ଼ିବାରେ ସସୀମତା ସତ୍ତ୍ୱେ ଏ ଅଭିଲେଖଗୁଡ଼ିକ ସାର୍ବଜନୀନ କର୍ମଚାରୀ ଓ ପରିବାରମାନଙ୍କର ଉତ୍ତରାଧିକାର ତାଲିକା ପୁନର୍ଗଠନ ନିମିତ୍ତ ହଜିବା ଖିଅ ଯୋଗାଉଥିବା ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ । ଅଭିଲେଖଗୁଡ଼ିକ ପ୍ରାଥମିକ ଉତ୍ସ ଏବଂ ଦୀର୍ଘସ୍ଥାୟୀ ହୋଇଥିଲେ

ମଧ୍ୟ କେବଳ ସେଗୁଡ଼ିକ ଘଟଣାର ସାମଗ୍ରିକ ଚିତ୍ର ପ୍ରଦାନ କରି ନ ପାରନ୍ତି । ଅତଏବ ସାହିତ୍ୟିକ ତଥ୍ୟ ଦ୍ୱାରା ଏଗୁଡ଼ିକର ପରିପୁଷ୍ଟି ନିହାତି ଆବଶ୍ୟକ । ଏ ସମୟର ମୁସଲିମ ଅଭିଲେଖଗୁଡ଼ିକ *Epigraphia Indo-Moslemica* (1907-38), *Epigraphia Indica* ଏବଂ ଅପର ପୁରାତାତ୍ତ୍ୱିକ ପତ୍ରିକାରେ ପ୍ରକାଶ ପାଇଛି ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ସୁଲତାନୀ ଶାସନ କାଳର ମହତ୍ୱପୂର୍ଣ୍ଣ ପାରସୀ ସାହିତ୍ୟ ଉପରେ ଏକ ଟିପ୍‌ପଣୀ ଉଲ୍ଲେଖ କରନ୍ତୁ ।

...........................................................................................
...........................................................................................
...........................................................................................
...........................................................................................
...........................................................................................
...........................................................................................
...........................................................................................
...........................................................................................
...........................................................................................
...........................................................................................
...........................................................................................

**ପ୍ରଶ୍ନ ୨.** ସୁଲତାନୀ ଶାସନ କାଳର ଇତିହାସ ଉପରେ ଆଲୋକପାତ କରୁଥିବା ଦେଶୀୟ ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରନ୍ତୁ ।

...........................................................................................
...........................................................................................
...........................................................................................
...........................................................................................
...........................................................................................

..........................................................................................................
..........................................................................................................
..........................................................................................................
..........................................................................................................
..........................................................................................................
..........................................................................................................

## ୧.୫ ସାରାଂଶ

ଏଇ ଏକକରେ ଆମେ ସୁଲତାନୀ ଶାସନ କାଳର ବିବିଧ ଉତ୍ସ ଚିହ୍ନଟ କଲେ । ଆମେ ବିଭିନ୍ନ ପାରସୀ ସାହିତ୍ୟ, ସ୍ଥାନୀୟ ଅଥବା ଦେଶୀୟ ଭାଷାରେ ରଚିତ ସାହିତ୍ୟ ଏବଂ ଆଭିଲେଖିକ ଦଲିଲ ସମ୍ବନ୍ଧରେ ଆଲୋଚନା କଲେ । ତେବେ ଏ ସମସ୍ତ ଉତ୍ସର ସ୍ୱକୀୟ ସୀମାବଦ୍ଧତା ରହିଛି ଏବଂ ବେଳେବେଳେ ଏଗୁଡ଼ିକ ପରସ୍ପରର ବିରୋଧୀ । ଅତଏବ ସୁଲତାନୀ ଶାସନ କାଳର ଅଧ୍ୟୟନ ପାଇଁ ଏସବୁକୁ ହିସାବକୁ ନେବାବେଳେ ଆମକୁ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

## ୧.୬ ସୂଚକ ଶବ୍ଦାବଳୀ

**ଦେଶୀୟ:** ଏକ ନିର୍ଦ୍ଦିଷ୍ଟ ଭୂମି ବା ଅଞ୍ଚଳର ସ୍ଥାନୀୟ ।

**ତବକା:** ଉପବିଭାଗ ।

**ମନାକ୍ବିବ:** ସଦ୍‌ଗୁଣ ସଂଗ୍ରହ ।

## ୧.୭ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୧.୩ ଦେଖନ୍ତୁ ।

# ୧.୮ ପରବର୍ତ୍ତୀ ପଠନ


1. Barani, Ziauddin, (2015), *Tarikh- Firoz Shahi*, eng. tr. Ishtiyaq Ahmad Zilli (New Delhi: Primus Books).

2. Chattopadhyaya, D.P. (2011). *History of Science, Philosophy and Culture in Indian Civilization in Vol III, Part I, Economic History of Medieval India, 1200-1500. Delhi*. India: Pearson Longman.

3. Maiti, P., and Saha, P.K. (2000). *Medieval India (1206 A.D.-1707 A.D.)*. Calcutta, India: Sreedhar Publishers.

4. Mehta, J.L. (1986). *Advanced Study in the History of Medieval India, Vol-I and III*. New Delhi: Sterling Publisher Pvt. Ltd.

5. Naqvi, Hamida Khatoon, (1986) *Agricultural, Industrial and Urban Dynamics under the Delhi Sultans – 1206-1555* (New Delhi: Munshiram Manoharlal Publishers).

6. Salma, A. F. (2011). *A Comprehensive History of Medieval India: From the twelfth to the Mid-Eighteenth Century*. Delhi, India: Dorling Kindersley (India) Pvt. Ltd.

7. Siddiqui, I.H., (2011, reprint) *Delhi Sultanate: Urbanization and Social Change* (New Delhi: Viva Books).

8. Singh, V. (2009). *Interpreting Medieval India Vol. I. Early Medieval Delhi Sultanate and Regions (circa 750-1550)*. New Delhi, India: MacMillan.

9. Verma, H.C., (1986) *Dynamics of Urban Life in Pre-Mughal India* (New Delhi: Munshiram Manoharlal).

# ଦ୍ୱିତୀୟ ଏକକ: ଦିଲ୍ଲୀ ସୁଲତାନୀ ଶାସନର ଦୃଢ଼ୀକରଣ: ବଲବନ, ଆଲାଉଦ୍ଦିନ ଖାଲଜି, ମହମ୍ମଦ-ବିନ ତୁଗଲକ

## ବିଷୟ ଗଠନ:


୨.୦ ପଠନର ଉଦ୍ଦେଶ୍ୟ

୨.୧ ଉପକ୍ରମ

୨.୨ ଖ୍ରୀ.୭ମରୁ ୧୨ଶ ଶତାବ୍ଦୀର ଭାରତ: ଏକ ବିହଙ୍ଗାବଲୋକନ

୨.୩ ଖ୍ରୀ.୧୧୯୦ ପର୍ଯ୍ୟନ୍ତ ପ୍ରାରମ୍ଭିକ ବିଜୟ

୨.୪ ଘୋରୀ ଆକ୍ରମଣ ଖ୍ରୀ.୧୧୯୨-୧୨୦୬

୨.୫ ଖ୍ରୀ.୧୨୦୬ରୁ ୧୨୬୬ ମଧ୍ୟବର୍ତ୍ତୀ ସଂଘର୍ଷ ଓ ଦୃଢ଼ୀକରଣ

୨.୬ ବଲବନ(ଖ୍ରୀ.୧୨୬୬-୧୨୮୭)ଙ୍କ ଅଧୀନରେ ଦୃଢ଼ୀକରଣ

୨.୭ ଆଲାଉଦ୍ଦିନ ଖାଲଜି(ଖ୍ରୀ.୧୨୯୬-୧୩୧୬)ଙ୍କ ଅଧୀନରେ ଦୃଢ଼ୀକରଣ

୨.୭.୧ ପଶ୍ଚିମ ଓ କେନ୍ଦ୍ର ଭାରତ

୨.୭.୨ ଉତ୍ତରପଶ୍ଚିମ ଓ ଉତ୍ତର ଭାରତ

୨.୭.୩ ଦାକ୍ଷିଣାତ୍ୟ ଓ ଦକ୍ଷିଣୀ ଅନ୍ୱେଷଣ

୨.୮ ମହମ୍ମଦ-ବିନ ତୁଗଲକ(ଖ୍ରୀ.୧୩୨୫-୧୩୫୧)ଙ୍କ ଅଧୀନରେ ଦୃଢ଼ୀକରଣ

୨.୮.୧ ଦକ୍ଷିଣ

୨.୮.୨ ପୂର୍ବ ଭାରତ

୨.୮.୩ ଉତ୍ତରପଶ୍ଚିମ ଓ ଉତ୍ତର

୨.୯ ସାରାଂଶ

୨.୧୦ ସୂଚକ ଶବ୍ଦାବଳୀ

୨.୧୧ ପ୍ରଗତି ପରିମାପକ ଉତ୍ତର

୨.୧୨ ପରବର୍ତ୍ତୀ ପଠନ

## ୨.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ❖ ତୁର୍କ ବିଜୟ ପୂର୍ବବର୍ତ୍ତୀ ଶତାବ୍ଦୀଗୁଡ଼ିକରେ ଭାରତର ରାଜନୀତିକ ଏବଂ ସାମାଜିକ-ଆର୍ଥନୀତିକ ପରିସ୍ଥିତି
- ❖ ଉତ୍ତର ଭାରତ ବିଜୟର ବିଭିନ୍ନ ପର୍ଯ୍ୟାୟ
- ❖ ବଲବନ, ଆଲାଉଦ୍ଦିନ ଖାଲଜି ଓ ମହମ୍ମଦ-ବିନ ତୁଗଲକଙ୍କ ଅଧୀନରେ ଦିଲ୍ଲୀ ସୁଲତାନୀ ଶାସନର ଦୃଢ଼ୀକରଣ

## ୨.୧ ଉପକ୍ରମ

ଆଦି ପର୍ଯ୍ୟାୟରେ ଏପରିକି ପରେ ସୁଲତାନୀ ଶାସନର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲା ବିଜିତ ଅଞ୍ଚଳଗୁଡ଼ିକର ଦୃଢ଼ୀକରଣ । ପ୍ରାୟ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଆଦି ତୁର୍କ ସୁଲତାନମାନଙ୍କ ଅଧୀନରେ ବିଜୟର ପ୍ରାରମ୍ଭିକ ଲହର ସ୍ଥାଣୁ ହୋଇଗଲା । ଏଣିକି ପରବର୍ତ୍ତୀ ସୁଲତାନମାନଙ୍କ ପ୍ରାଥମିକ ଲକ୍ଷ୍ୟ ଥିଲା ସୁଲତାନୀ ଶାସନର ଦୃଢ଼ୀକରଣ । ଅତଏବ ଏଇ ଏକକରେ ଖ୍ରୀ.୧୩ଶ ଶତାବ୍ଦୀ ପ୍ରାରମ୍ଭରେ ଦିଲ୍ଲୀରେ ସୁଲତାନୀ ଶାସନ ପ୍ରତିଷ୍ଠା ପର୍ଯ୍ୟନ୍ତ ତୁର୍କମାନଙ୍କ ଭାରତ ବିଜୟ ଏବଂ ବଲବନ, ଆଲାଉଦ୍ଦିନ ଖାଲଜି ଓ ମହମ୍ମଦ-ବିନ ତୁଗଲଙ୍କ ଅଧୀନରେ ଦିଲ୍ଲୀ ସୁଲତାନୀ ଶାସନର ଦୃଢ଼ୀକରଣ ଉପରେ ଆମେ ଦୃଷ୍ଟିପାତ କରିବା ।

## ୨.୨ ଖ୍ରୀ.୭ମରୁ ୧୨ଶ ଶତାବ୍ଦୀର ଭାରତ: ଏକ ବିହଙ୍ଗାବଲୋକନ

ତୁର୍କ ଆକ୍ରମଣ ପୂର୍ବବର୍ତ୍ତୀ ପ୍ରାୟ ପାଞ୍ଚ ଶତାବ୍ଦୀ ଭାରତୀୟ ଐତିହାସିକମାନଙ୍କ ଦ୍ୱାରା 'ସାମନ୍ତୀ' ରୂପେ ବର୍ଣ୍ଣିତ । ଯୁଗଟିର ବୈଶିଷ୍ଟ୍ୟ ସୂଚକ ଭାବେ ଏ ଅବଧାରଣାର ଉପଯୋଗ ସମାଲୋଚନାର ଶରବ୍ୟ

ହୋଇଥିଲେ ସୁଦ୍ଧା ଏ କାଳରେ ଭାରତର ରାଜନୀତିକ, ସାମାଜିକ ଓ ଆର୍ଥନୀତିକ ବାସ୍ତବତା ସାମନ୍ତବାଦର ଅନେକ ସାଧାରଣ ଓ କେତେକ ବିଲକ୍ଷଣ ବୈଶିଷ୍ଟ୍ୟ ବହନ କରେ ।

ବିଶ୍ୱର ଅପର ଅଂଶ ଭଳି ଭାରତରେ ସାମନ୍ତବାଦର ଅପରିହାର୍ଯ୍ୟ କେନ୍ଦ୍ରୀୟ ବୈଶିଷ୍ଟ୍ୟ ଥିଲା ରାଜାଙ୍କ ଦ୍ୱାରା ତାଙ୍କ ଅଧିକାରୀ ଓ ସମାଜର ନିର୍ଦ୍ଦିଷ୍ଟ ଶ୍ରେଣୀଙ୍କୁ ଭୂଦାନ । ପ୍ରତିଦାନରେ ଦାନ ଗ୍ରହୀତା(ଅଥବା ସାମନ୍ତ, ଅଧସ୍ତନ)ଙ୍କ ଦାୟିତ୍ୱ ଥିଲା ରାଜସେବା ଏବଂ ଆବଶ୍ୟକ ବେଳେ ରାଜାଙ୍କୁ ମନୁଷ୍ୟ ଓ ଦ୍ରବ୍ୟ ଯୋଗାଣ । ସାମନ୍ତଙ୍କ ଦ୍ୱାରା ସଂଗୃହୀତ ରାଜସ୍ୱର ଏକ ଅଂଶ ବାର୍ଷିକ ଭେଟି ସ୍ୱରୂପ ରାଜାଙ୍କୁ ପ୍ରାପ୍ତ ହେଉଥିଲା । ସେନାର ପାଳନ ପୋଷଣରେ ସେମାନେ ଅବଶେଷାଂଶର ଉପଯୋଗ କରୁଥିଲେ । ଯୁଦ୍ଧ କାଳରେ ଏ ସେନା ରାଜାଙ୍କ କାର୍ଯ୍ୟରେ ଲାଗୁଥିଲା ।

ଅଧିକ ଶକ୍ତିଶାଳୀ ସାମନ୍ତମାନଙ୍କୁ ଭୂଦାନର ଅନୁମତି ଥିଲା । ଏହାର ପରିଣାମରେ ସେମାନେ ନିଜସ୍ୱ ଉପସାମନ୍ତ ସୃଷ୍ଟି କରୁଥିଲେ ଏବଂ ଏଇ ପ୍ରକ୍ରିୟାରେ ଆଦେଶ ଓ ଦାୟିତ୍ୱର ଏକ ଅନୁକ୍ରମ ଜନ୍ମ ନେଉଥିଲା । ଭାରତରେ ସାମନ୍ତମାନେ ବିବିଧ ଉପାଧି ଧାରଣ କରୁଥିଲେ । ଅଧିକ ମହତ୍ୱପୂର୍ଣ୍ଣମାନେ ନିଜକୁ *ମହାସାମନ୍ତ, ମହାମଣ୍ଡଳେଶ୍ୱର* ଆଦି ରୂପେ ଅଭିହିତ କରୁଥିଲେ । କମ୍ ମହତ୍ୱପୂର୍ଣ୍ଣମାନେ *ରାଜା, ରାଣକ, ସାମନ୍ତ, ଠାକୁର, ଭୋଗିକ* ଆଦି ଉପାଧି ଗ୍ରହଣ କରୁଥିଲେ ।

ରାଜାଙ୍କ ଦ୍ୱାରା ଏ ଭୂମ୍ୟଧିକାର ହସ୍ତାନ୍ତରଣ ବ୍ୟବସ୍ଥାର ମୂଳ ୨ୟ ଶତାବ୍ଦୀରୁ ବ୍ରାହ୍ମଣମାନଙ୍କୁ ଦିଆଯାଇ ଆସୁଥିବା ଭୂଦାନରେ ଠାବ କରାଯାଇଛି । ଦାନ ଗ୍ରହଣର ହିତାଧିକାରୀ ବ୍ରାହ୍ମଣମାନେ କେବଳ ଭୂମିକର ସଂଗ୍ରହ କରୁ ନ ଥିଲେ ଆଇନ ଶୃଙ୍ଖଳା ରକ୍ଷାର ଦାୟିତ୍ୱ ମଧ ବହନ କରୁଥିଲେ । ୭ମ ଶତାବ୍ଦୀରୁ ଏ ଚଳଣି ସମାଜର ଅପର ଶ୍ରେଣୀଙ୍କୁ ସମ୍ପ୍ରସାରିତ ହେଲା । ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ରାଜ କର୍ମଚାରୀମାନଙ୍କୁ ନଗଦ ଦରମା ବଦଳରେ ଭୂମି ଦାନ କରାଗଲା । କାଳ କ୍ରମେ ଏ ଦାନଗୁଡ଼ିକ ଆନୁବଂଶିକ ହେବା ଏକ ପ୍ରବଣତାରେ ପରିଣତ ହେଲା । ଫଳ ସ୍ୱରୂପ ରାଜ କର୍ମଚାରୀ ଓ 'ସାମନ୍ତ'ଙ୍କ ମଧ୍ୟରେ ପାର୍ଥକ୍ୟ ଲୋପ ପାଇଲା । ଆନୁବଂଶିକ ସାମନ୍ତମାନେ ରାଜ କର୍ମଚାରୀ ରୂପେ ନିଯୁକ୍ତ ହେଲେ ଏବଂ କର୍ମଚାରୀଙ୍କୁ ସାମନ୍ତମାନଙ୍କ ଉପାଧି ଓ ସମ୍ଭବତଃ ବିଶେଷାଧିକାର ପ୍ରଦାନ କରାଗଲା ।

୭ମ ଶତାବ୍ଦୀରୁ ଶାସକ ଶ୍ରେଣୀର ଗ୍ରାମୀକରଣ ଅପରିହାର୍ଯ୍ୟ ହୋଇପଡ଼ିଲା । ଆଲୋଚ୍ୟ କାଳରେ ମୁଦ୍ରାର ବିରଳତାରୁ ଏ ପ୍ରବଣତା (ମୌର୍ଯ୍ୟ ସମୟରୁ) ବାଣିଜ୍ୟ ସହ ସହରୀ ଜୀବନର ଦ୍ରୁତ ଅବକ୍ଷୟର ଏକ ପରିବେଶ ସୃଷ୍ଟିରେ ସହାୟକ ହୋଇଥିବା ଜଣାଯାଏ । ଏ ପରିସ୍ଥିତିରେ କର୍ମଚାରୀ ଓ ଅଭିଜାତମାନଙ୍କ ଜୀବନ ଧାରଣର ଉତ୍ସ ଥିଲା କେବଳ ଭୂମି । କେନ୍ଦ୍ରୀୟ ରାଜନୀତିକ ଶକ୍ତିର ବିସ୍ଥାପନ, ଶକ୍ତିଶାଳୀ ଭୂମ୍ୟଧିକାରୀଙ୍କ ଅଭ୍ୟୁଦୟ ଏବଂ ରାଜପୁତ ଭଳି ଯୋଦ୍ଧା ଜାତିର ଉଦୟ ଥିଲା ଏ ପରିବେଶର ସ୍ୱାଭାବିକ ପରିଣତି ।

## ୨.୩ ଖ୍ରୀ. ୧୧୯୦ ପର୍ଯ୍ୟନ୍ତ ପ୍ରାରମ୍ଭିକ ବିଜୟ

ନବମରୁ ଏକାଦଶ ଶତାବ୍ଦୀ ମଧ୍ୟରେ 'ଯୋଦ୍ଧା ଜାତି'ମାନଙ୍କ ଅଭ୍ୟୁଦୟ ଘଟିଲା । ସାମରିକ ଶାସକ କୁଟୁମ୍ବ ସମୂହ ପରିଶେଷରେ ଗୋଟିଏ ଜାତି ରାଜପୁତ ରୂପେ ସଂଗଠିତ ହେଲେ । ରାଜପୁତ ଶବ୍ଦଟି ସଂସ୍କୃତ ରାଜପୁତ୍ରରୁ ବ୍ୟୁତ୍ପନ୍ନ । ଏ ସମୟରେ ସ୍ୱତନ୍ତ୍ର ପ୍ରତିଷ୍ଠା ଦାବି କରୁଥିବା ଚାରି ରାଜପୁତ କୁଟୁମ୍ବ ଥିଲା ପ୍ରତିହାର, ଚାଲୁକ୍ୟ, ଚୌହାନ (ଅପର ନାମ ଚହାମଣ) ଓ ସୋଲଙ୍କି ।

ରାଜନୀତିକ ଓ ସାମରିକ ଦୃଷ୍ଟିରୁ ବିଚାର କଲେ ମାମୁଦ ଗଜନୀଙ୍କ ଆକ୍ରମଣ ଥିଲା ଦିଲ୍ଲୀରେ ସୁଲତାନୀ ଶାସନର ପୂର୍ବ ସଙ୍କେତ । ଖ୍ରୀ. ୧୦୦୦ରେ ସହିଆ ରାଜା ଜୟପାଳଙ୍କ ନିର୍ମୂଳନ ସହ ଆରବ୍ଧ ମାମୁଦଙ୍କ ଆକ୍ରମଣ ଥିଲା ପ୍ରାୟ ଏକ ବାର୍ଷିକ ଘଟଣା । ଖ୍ରୀ. ୧୦୩୦ରେ ତାଙ୍କ ମୃତ୍ୟୁ ସହ ହିଁ ଏହାର ସମାପନ ଘଟିଥିଲା । ମୁଲତାନ ପରେ ସେ ପଞ୍ଜାବ ଅଧିକାର କଲେ । ପରବର୍ତ୍ତୀ କାଳରେ ମାମୁଦ ଗଙ୍ଗା-ଯମୁନା ଦୋଆବରେ କ୍ଷିପ୍ର ଆକ୍ରମଣମାନ କରିଥିଲେ । ଭାରତ ପ୍ରତି ମାମୁଦ ଆଗ୍ରହାନ୍ୱିତ ହେବାର ପ୍ରଧାନ କାରଣ ଥିଲା ଏହାର ପ୍ରଚୁର ସମ୍ପଦ ଯାହାର ଏକ ବିଶେଷ ଅଂଶ ନଗଦ, ଅଳଙ୍କାର ଓ ସୁବର୍ଣ୍ଣ ପ୍ରତିମା ରୂପେ ମନ୍ଦିରମାନଙ୍କରେ ମହଜୁଦ ଥିଲା । ଏଇଥି ପାଇଁ ଖ୍ରୀ.୧୦୦୦ରୁ ଖ୍ରୀ.୧୦୨୬ ମଧ୍ୟରେ ସେ ଥାନେଶ୍ୱର, ମଥୁରା, କନୌଜ ଓ ପରିଶେଷରେ ସୋମନାଥ ଆଦି ମନ୍ଦିର-ନଗରୀ ଉପରେ ଆକସ୍ମିକ ଆକ୍ରମଣ କରିଥିଲେ । ପରିଣାମ ସ୍ୱରୂପ ଭାରତୀୟ ପ୍ରତିରୋଧ ଧ୍ୱସ୍ତ ହୋଇଗଲା ଏବଂ ଭବିଷ୍ୟତର ତୁର୍କ ବିଜୟ ପାଇଁ ବାଟ ଫିଟିଲା । ଏ

ଆକ୍ରମଣ ପରେ ବାହ୍ୟ ଆକ୍ରମଣ ବିରୋଧରେ ସମ୍ମିଳିତ ପ୍ରତିରୋଧ ପାଇଁ ଭାରତୀୟ ରାଜନୀତିର ଅପର୍ଯ୍ୟାପ୍ତତା ଉଦ୍‌ଘାଟନ ଥିଲା ଅଧିକ ଗୁରୁତ୍ୱପୂର୍ଣ୍ଣ ।

ମାମୁଦଙ୍କ ମୃତ୍ୟୁର ଅଳ୍ପ କାଳ ମଧ୍ୟରେ ତାଙ୍କ ସାମ୍ରାଜ୍ୟର ଭାଗ୍ୟରେ ସେଇଆ ଘଟିଲା ଯାହା ଅପର ସକଳ ସାମ୍ରାଜ୍ୟର ଭାଗ୍ୟରେ ସଚରାଚର ଘଟେ । ଦୁଃସାହସୀ ତୁର୍କ ସୈନିକ ପୁଞ୍ଜକୁ କେନ୍ଦ୍ର କରି ଗଠିତ ନୂତନ ଉଦୀୟମାନ କ୍ଷମତାକେନ୍ଦ୍ର ସମୂହ ପୁରାତନର ସ୍ଥାନ ନେଲା । ଗଜନୀ ଅଧିକାର ଭୁକ୍ତ ଖୁରାସାନ ଓ ଟ୍ରାନ୍‌ସଅକ୍‌ସିଆନା ପ୍ରଥମେ ସେଲଜକ ଓ ପରେ ଖ୍ୱାରିଜମ ସାହଙ୍କ ରାଜ୍ୟର ଅଙ୍ଗୀଭୂତ ହେଲା । ସନସବାନି ବଂଶାଧୀନ ଘୋର ରାଜ୍ୟ ଦ୍ୱାରା ଗୃହଭୂମି ଆଫଗାନିସ୍ତାନରେ ସେମାନଙ୍କ ଆଧିପତ୍ୟର ଅନ୍ତ ଘଟିଲା । ତେବେ ଗଭୀର ଆଘାତର ଏ ଲହର ମଧ୍ୟରେ ପଞ୍ଜାବ ଓ ସିନ୍ଧରେ ଗଜନୀ ଶାସନ ପ୍ରାୟ ଖ୍ରୀ.୧୧୭୫ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା ।

ଉତ୍ତରପଶ୍ଚିମ ଭାରତରେ ଗଜନୀ ଅଞ୍ଚଳର ବିସ୍ତାର ସ୍ଥିର କରି କହିବା ଆୟାସସାଧ୍ୟ । ଉତ୍ତରରେ ସିଆଲକୋଟ ଏବଂ ସମ୍ଭବତଃ ପେଶବାର ଏହାର ଅନ୍ତର୍ଭୁକ୍ତ ଥିଲା । ଦକ୍ଷିଣ ସୀମାରେ ନିରନ୍ତର ଚୌହାନ ରାଜପୁତମାନଙ୍କ ଚାପ ପଡୁଥିଲା । ସେମାନେ ପଞ୍ଜାବର ଏକ ଅଂଶରେ ନିୟନ୍ତ୍ରଣ ପୁନଃପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ ।

ଆକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟରେ ମହମ୍ମଦ ଘୋରୀଙ୍କ ସାମରିକ ଲକ୍ଷ୍ୟ ଥିଲା ପଞ୍ଜାବ ଓ ସିନ୍ଧ ଉପରେ ନିୟନ୍ତ୍ରଣ ହାସଲ । ପୂର୍ବବର୍ତ୍ତୀ ଆକ୍ରମଣକାରୀମାନେ ଅଧିକ ଉତ୍ତରକୁ ଥିବା ସାର୍ବଜନୀନ ଖାଇବର ଗିରିବର୍ତ୍ମ ଦେଇ ସିନ୍ଧୁ ସମତଳରେ ପ୍ରବେଶ କରୁଥିଲେ । ମହମ୍ମଦ ଘୋରୀ କିନ୍ତୁ ଗୋମଲ ଗିରିବର୍ତ୍ମ ଦେଇ ପ୍ରବେଶ କରିବାକୁ ନିଷ୍ପତ୍ତି ନେଲେ । ଖ୍ରୀ.୧୧୭୯ ସୁଦ୍ଧା ପେଶବାର, ଉଚ୍ଚ ଓ ମୁଲତାନ ଅଧିକୃତ ହେଲା । ପରେ ଲାହୋର ଉପରେ ଆକ୍ରମଣ କରାଗଲା । ମହମ୍ମଦ ଘୋରୀ ଏଣିକି ଆହୁରି ଆଗକୁ ବଢ଼ିଲେ । ଅଳ୍ପ ସମୟ ମଧ୍ୟରେ ଗାଙ୍ଗେୟ ସମତଳକୁ ନିୟନ୍ତ୍ରଣ କରୁଥିବା ରାଜପୁତ ରାଜ୍ୟ ସମୂହ ବିରୋଧରେ ସେ ସାମରିକ ଅଭିଯାନ ଚଳାଇଲେ । ଭାରତର ପ୍ରବେଶ ଦ୍ୱାର କୁହାଯାଉ ଥିବା ଅଜମେର ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଅଞ୍ଚଳର ଶାସକ ଥିବା ଚୌହାନମାନଙ୍କ ଉପରେ ଏହାର ଚାପ ସର୍ବାଧିକ ଅନୁଭୂତ ହେଲା । ଖ୍ରୀ.୧୧୯୧ରେ ଭଟିଣ୍ଡା ଅବରୋଧ କରାଗଲା । ସେନା ତତ୍କାଳ

ଆତ୍ମସମର୍ପଣ କଲା । କିନ୍ତୁ ପୃଥ୍ୱିରାଜଙ୍କ ନେତୃତ୍ୱରେ ଚୌହାନମାନେ ଘୋରୀମାନଙ୍କୁ ଶୋଚନୀୟ ଭାବେ ପରାସ୍ତ କରି ଖୁବ୍ ଶୀଘ୍ର ଏହାର ପୁନରୁଦ୍ଧାର କଲେ । ପରବର୍ତ୍ତୀ ବର୍ଷ ମହମ୍ମଦ ଘୋରୀ ଆହୁରି ବିଶାଳ ସେନା ସହ ପ୍ରତ୍ୟାବର୍ତ୍ତନ କଲେ । ଖ୍ରୀ.୧୧୯୨ରେ ପ୍ରସିଦ୍ଧ ତିରୋରୀ ଯୁଦ୍ଧରେ ଚୌହାନମାନଙ୍କର ଚୂଡ଼ାନ୍ତ ପରାଜୟ ଘଟିଲା । ହାନସି, କୁହରାମ, ସରସୁତି ଆଦି ସକଳ ମହତ୍ୱପୂର୍ଣ୍ଣ ସାମରିକ ସ୍ଥଳ ତତ୍କାଳ ଅଧିକୃତ ହେଲା ଏବଂ ସେଠାରେ ସେନା ମୁତୟନ କରାଗଲା । ମହମ୍ମଦ ଘୋରୀ କେନ୍ଦ୍ର ଏସିଆ ଅଭିଯାନରେ ଫେରିଗଲେ । କିନ୍ତୁ ପଛରେ ଛାଡ଼ିଗଲେ କୁତବୁଦ୍ଦିନଙ୍କ ଅଧୀନରେ ଦିଲ୍ଲୀ ନିକଟବର୍ତ୍ତୀ ଇନ୍ଦ୍ରପ୍ରସ୍ଥ ଠାରେ ଏକ ଦଖଲକାରୀ ସେନା । ବିଜୟର ସମ୍ପ୍ରସାରଣ ଓ ଦୃଢ଼ୀକରଣ ପାଇଁ କୁତବୁଦ୍ଦିନଙ୍କୁ ପ୍ରଶସ୍ତ କ୍ଷମତା ଅର୍ପଣ କରାଯାଇ ଥିଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ମାମୁଦ ଗଜନୀଙ୍କ ଭାରତ ଆକ୍ରମଣର ପ୍ରଧାନ ଉଦ୍ଦେଶ୍ୟ କ'ଣ ଥିଲା ?

................................................................................................

................................................................................................

................................................................................................

................................................................................................

................................................................................................

**ପ୍ରଶ୍ନ ୨.** ଭାରତରେ ମହମ୍ମଦ ଘୋରୀଙ୍କ ପ୍ରାରମ୍ଭିକ ବିଜୟ ଉପରେ ବିଶଦ ଭାବେ ଉଲ୍ଲେଖ କରନ୍ତୁ ।

................................................................................................

................................................................................................

................................................................................................

................................................................................................

................................................................................................

## ୨.୪ ଘୋରୀ ଆକ୍ରମଣ ଖ୍ରୀ.୧୧୯୨-୧୨୦୬

ତିରୋରୀ ଯୁଦ୍ଧ ଭାରତ ଇତିହାସରେ ଏକ ଯୁଗାନ୍ତର ସୂଚକ । ତୁର୍କ ଆଧିପତ୍ୟ ପାଇଁ ଏହା ମାର୍ଗ ଉନ୍ମୋଚନ କଲା । ଏ ସମୟରୁ ରାଜପୁତ ଶକ୍ତି ଅବକ୍ଷୟର ଅପରିବର୍ତ୍ତନୀୟ ପର୍ଯ୍ୟାୟରେ ପ୍ରବେଶ କଲା । ଆଗାମୀ କିଛି କାଳ ପର୍ଯ୍ୟନ୍ତ ଘୋରୀମାନେ ସମଗ୍ର ଅଧିକୃତ ଅଞ୍ଚଳର ଶାସନ ନିଜ ହାତକୁ ତତ୍କାଳ ନେବା ସୁବିଧାଜନକ ମନେ କଲେ ନାହିଁ । ଯେଉଁଠି ବ୍ୟବହାର୍ଯ୍ୟ ଅନୁମିତ ହେଉଥିଲା ସେଠାରେ ସେମାନେ ତୁର୍କ ସାର୍ବଭୌମତ୍ୱ ସ୍ୱୀକାରକାରୀ ରାଜପୁତମାନଙ୍କୁ ଶାସନ ଚଳାଇ ରଖିବାକୁ ଅନୁମତି ପ୍ରଦାନ କରୁଥିଲେ । ଦୃଷ୍ଟାନ୍ତ ସ୍ୱରୂପ ଅଜମେରରେ ପୃଥ୍ୱିରାଜଙ୍କ ପୁତ୍ରଙ୍କୁ ଅଧସ୍ତନ ଶାସକ ଭାବେ ଶାସନ କରିବାର ଅନୁମତି ଦିଆଯାଇ ଥିଲା । ତେବେ ଏ ଅସହଜ ସନ୍ତୁଳନ ବହୁ ସମୟରେ ଘୋରୀମାନଙ୍କ ରାଜକୀୟ ଯୋଜନା ଓ ସ୍ଥାନୀୟ ଶାସକଙ୍କ ମଧ୍ୟରେ ଘଟୁଥିବା ସଂଘର୍ଷ ଦ୍ୱାରା ବାରଂବାର ବାଧାପ୍ରାପ୍ତ ହେଉଥିଲା ।

ଆଇବାକଙ୍କ ନେତୃତ୍ୱରେ ତୁର୍କମାନେ ସକଳ ଦିଗରେ ଆଞ୍ଚଳିକ ସମ୍ପ୍ରସାରଣ ଜାରି ରଖିଥିଲେ । ହାନସି ଦୁର୍ଗର ଜୀର୍ଣ୍ଣୋଦ୍ଧାର ପରେ ଖ୍ରୀ. ୧୧୯୨ର ଅନ୍ତ ବେଳକୁ ଆଇବାକ ଉପର ଦୋଆବରେ ଏକ ସାମରିକ ଆଧାର ପ୍ରତିଷ୍ଠା ପାଇଁ ଯମୁନା ଅତିକ୍ରମ କଲେ । ଖ୍ରୀ. ୧୧୯୨ରେ ହିଁ ମେରଠ ଓ ବରାନ (ଆଧୁନିକ ବୁଲନ୍ଦସର) ଆତ୍ମସମର୍ପଣ କଲା । ଖ୍ରୀ. ୧୧୯୩ରେ ଦିଲ୍ଲୀ ଅଧିକୃତ ହେଲା । ଅବସ୍ଥିତି ଓ ଐତିହାସିକ ପରମ୍ପରା ଦୃଷ୍ଟିରୁ ଭାରତରେ ତୁର୍କ ଶକ୍ତିର ରାଜଧାନୀ ହେବା ପାଇଁ ଏହା ଥିଲା ସବୁଠାରୁ ଉପଯୁକ୍ତ । ଏହା ଥିଲା ଉଭୟ ଘୋରୀମାନଙ୍କ ଶକ୍ତି କେନ୍ଦ୍ର ପଞ୍ଜାବର ନିକଟବର୍ତ୍ତୀ ଏବଂ ପୂର୍ବାଭିମୁଖୀ ଅଭିଯାନ ପ୍ରେରଣ ପାଇଁ ଉପଯୁକ୍ତ ସ୍ଥଳ । ଖ୍ରୀ. ୧୧୯୪ରେ ଆଇବାକ ଦ୍ୱିତୀୟ ଥର ପାଇଁ ଯମୁନା ଅତିକ୍ରମ କରି କୋଲ (ଆଲିଗଡ଼) ଅଧିକାର କଲେ ।

ଉପର୍ଯ୍ୟୁକ୍ତ ସାମରିକ ସାଫଲ୍ୟ ଚନ୍ଦାୱର (ଏଟା ଓ କାନପୁର ମଧ୍ୟବର୍ତ୍ତୀ) ସମୀପରେ ଗହଦବଳ ବଂଶୀ ରାଜା ଜୟଚନ୍ଦ୍ରଙ୍କ ସମ୍ମୁଖୀନ ହେବା ପାଇଁ ମହମ୍ମଦ ଘୋରୀଙ୍କୁ ପ୍ରୋତ୍ସାହିତ କଲା । ପରିଶେଷରେ ଜୟଚନ୍ଦ୍ର ପରାସ୍ତ ହେଲେ । ଏହାପରେ ଭରସ, ଅସନି ଓ ଅପର ମହତ୍ୱପୂର୍ଣ୍ଣ ସହରରେ ତୁର୍କ

ସାମରିକ ଛାଉଣି ପ୍ରତିଷ୍ଠା କରାଗଲା । ତେବେ ଖ୍ରୀ.୧୧୯୮-୯୯ ପର୍ଯ୍ୟନ୍ତ କନୌଜର ରାଜଧାନୀ ଅଧିକୃତ ହୋଇପାରି ନ ଥିଲା ।

ଘୋରୀମାନେ ଆଧିପତ୍ୟ ବିସ୍ତାର କରିଥିବା ଅପର ମହତ୍ୱପୂର୍ଣ୍ଣ କ୍ଷେତ୍ର ଥିଲା ଖ୍ରୀ. ୧୧୯୫-୯୬ରେ ବାୟନା, ଗ୍ୱାଲିୟର ଓ ଅନହିଲୱାଡ଼ା ଏବଂ ଖ୍ରୀ. ୧୧୯୭-୯୮ରେ ବଦାୟୁଁ । ତ୍ରୟୋଦଶ ଶତାବ୍ଦୀର ପ୍ରାରମ୍ଭରେ ବର୍ତ୍ତି ଯାଇଥିବା ଶେଷ ରାଜପୁତ ଶାସକକୁଳ ବୁନ୍ଦେଲଖଣ୍ଡର ଚନ୍ଦେଲାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଖ୍ରୀ. ୧୨୦୨ ପାଖାପାଖି କାଲିଞ୍ଜର, ମହୋବା ଓ ଖଜୁରାହୋ ଅଧିକାର କରି ଏକ ସାମରିକ ପ୍ରଭାଗ ଅଧୀନରେ ସ୍ଥାପନ କରାଗଲା ।

ଖ୍ରୀ. ୧୨୦୩ରୁ ତୁର୍କମାନେ ଭାରତୀୟ ଉପମହାଦେଶର ପୂର୍ବ ପ୍ରଦେଶମାନଙ୍କରେ ଆକ୍ରମଣ କରି ଭିନ୍ନ ଭିନ୍ନ ଧରଣର ସଫଳତା ହାସଲ କଲେ । ବକ୍ତିଆର ଖାଲଜି ଓ ତାଙ୍କ ଜନଜାତି 'ସୁଲତାନୀ ଶାସନ' ପାଇଁ ମଗଧ ଅଧିକାର କଲେ । ତାଙ୍କ ଅଧୀନରେ ତୁର୍କ ଅତିକ୍ରମଣ ଲକ୍ଷ୍ମଣ ସେନଙ୍କ ଶାସିତ ବଙ୍ଗରେ ମଧ୍ୟ ବ୍ୟାପ୍ତ ହୋଇଥିଲା ।

ମୋଟାମୋଟି ଏ ପର୍ଯ୍ୟାୟରେ ଘୋରୀମାନେ ଉତ୍ତର ଭାରତର ବହୁଳାଂଶରେ ସ୍ୱୀୟ ଆଧିପତ୍ୟ ବିସ୍ତାର କରିବାରେ ସମର୍ଥ ହୋଇଥିଲେ । ତଥାପି ସେମାନେ ଏକ କମ୍ପାୟମାନ ଭିତ୍ତି ଉପରେ ହିଁ ଦଣ୍ଡାୟମାନ ଥିଲେ । ବିଜିତ କ୍ଷେତ୍ର କେବେ ନିୟନ୍ତ୍ରଣରୁ ଖସିଯିବ ତା'ର କିଛି ଇୟତ୍ତା ନ ଥିଲା । ସେମାନଙ୍କ ନିୟନ୍ତ୍ରଣ ଏକ ସ୍ଥିର ଭିତ୍ତି ପ୍ରାପ୍ତ ହେବାକୁ ବହୁ ଦଶନ୍ଧି ଲାଗିଥିଲା ।

## ୨.୫ ଖ୍ରୀ. ୧୨୦୬ରୁ ୧୨୬୬ ମଧ୍ୟବର୍ତ୍ତୀ ସଂଘର୍ଷ ଓ ଦୃଢ଼ୀକରଣ

ଖ୍ରୀ. ୧୨୦୬ରୁ ଖ୍ରୀ. ୧୨୯୦ ପର୍ଯ୍ୟନ୍ତ ସମୟ ଥିଲା ଦିଲ୍ଲୀ ସୁଲତାନୀ ଶାସନର ଗଠନାତ୍ମକ ଏବଂ ସର୍ବାଧିକ ଆହ୍ୱାନପୂର୍ଣ୍ଣ କାଳ । ଘୋରୀ ଶାସକ ଶ୍ରେଣୀ ଭିତରେ ଏବଂ ତତ୍ ସଙ୍ଗେ ସଙ୍ଗେ ନବୀକୃତ ରାଜପୁତ ପୁନରୁତ୍ଥାନ ବିରୋଧରେ ଦୀର୍ଘ ଓ ବହୁକୋଣୀୟ ସଂଘର୍ଷ ଏହାର ବୈଶିଷ୍ଟ୍ୟ ।

ଖ୍ରୀ. ୧୨୦୬ରେ ମହମ୍ମଦ ଘୋରୀଙ୍କ ଆକସ୍ମିକ ବିୟୋଗର ପରିଣାମ ଥିଲା ଆଧିପତ୍ୟ ପାଇଁ ତାଙ୍କର ତିନି ମହତ୍ୱପୂର୍ଣ୍ଣ ସେନାପତି ତାଜଉଦ୍ଦିନ ୟଲଦୁଜ, ନାସିରୁଦ୍ଦିନ କବାଚା ଓ କୁତବୁଦ୍ଦିନ ଆଇବାକଙ୍କ ମଧ୍ୟରେ ସଂଗ୍ରାମ । ଆଫଗାନିସ୍ତାନ ଓ ଉପର ସିନ୍ଧ ମାର୍ଗବର୍ତ୍ତୀ କରମାନ ଓ ସଙ୍କୁରନ ୟଲଦୁଜଙ୍କ ନିୟନ୍ତ୍ରଣରେ ଥିବା ବେଳେ ମହତ୍ୱପୂର୍ଣ୍ଣ ଉଚ୍ଛ୍ ଦାୟିତ୍ୱରେ ଥିଲେ କବାଚା । ଆଇବାକ ଥିଲେ ମହମ୍ମଦ ଘୋରୀଙ୍କ 'ରାଜପ୍ରତିଭୂ' ଏବଂ ଭାରତରେ ମୁତୟନ କରାଯାଇ ଥିବା ସେନାର ସର୍ବୋଚ୍ଚ ଅଧ୍ୟକ୍ଷ । ପ୍ରାବିଧିକ ଦୃଷ୍ଟିରୁ ତଥାପି ଜଣେ ଦାସ ଥିବା ସତ୍ତ୍ୱେ ମାଲିକଙ୍କ ମୃତ୍ୟୁର ଅଳ୍ପ କାଳ ମଧ୍ୟରେ ତାଙ୍କୁ ସୁଲତାନ ଉପାଧି ପ୍ରଦତ୍ତ ହୋଇଥିଲା । ସ୍ୱୀୟ ଅଧିକାର ବଳରେ ଏକ ସତ୍ତା ଭାବେ ଦିଲ୍ଲୀ ସୁଲତାନୀ ଶାସନର ଆନୁଷ୍ଠାନିକ ପ୍ରତିଷ୍ଠା ଏଇ ଘଟଣାରୁ ଠାବ କରାଯାଏ । ପରବର୍ତ୍ତୀ ଘଟଣାବଳୀ ଏହାକୁ ଏକ ବାସ୍ତବତାରେ ପରିଣତ କରିଥିଲା ।

ୟଲଦୁଜଙ୍କ ପଞ୍ଜାବ ଅଧିକାର ଆକାଙ୍କ୍ଷାକୁ ବିଫଳ କରିବା ଅଭିପ୍ରାୟରେ ଆଇବାକ (ଖ୍ରୀ. ୧୨୧୦) ତାଙ୍କର ମାତ୍ର ଚାରି ବର୍ଷର ସଂକ୍ଷିପ୍ତ ଶାସନର ପ୍ରାରମ୍ଭରେ ଲାହୋରକୁ ରାଜଧାନୀ ସ୍ଥାନାନ୍ତର କରିଥିଲେ । ଭାରତରେ ନିଜକୁ ପ୍ରତିଷ୍ଠା କରିବା ପାଇଁ ୟଲଦୁଜଙ୍କ ପ୍ରୟାସ ଥିଲା ଏକ ବାଧ୍ୟବାଧକତା । ଏହାର ଆଂଶିକ କାରଣ ଥିଲା ଘୋରରୁ ଖ୍ୱାରିଜମ ସାହଙ୍କ ନିରନ୍ତର ଅଗ୍ରଗମନ ।

ଜାମାତା ଇଲତୁତମିସ ଥିଲେ ଆଇବାକଙ୍କ ସିଂହାସନର ଉତ୍ତରାଧିକାରୀ । ସେ ଦିଲ୍ଲୀକୁ ରାଜଧାନୀ ଫେରାଇ ଆଣିଲେ । ଏତିକି ବେଳକୁ ତୁର୍କ ଅଧିକୃତ ଅଞ୍ଚଳର ବିଶାଳ ଅଂଶ ନିୟନ୍ତ୍ରଣରୁ ଖସିଯାଇ ଥିଲା ତଥା ବଶ୍ୟତା ସ୍ୱୀକାରକାରୀ ରାଜପୁତ ମୁଖିଆମାନେ ଭେଟି ଦେବା ବନ୍ଦ କରିଦେଇ ଥିଲେ ଏବଂ ଅଧୀନତାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଇଲତୁତମିସଙ୍କ ଚଉଠ ଶତାବ୍ଦୀ ଶାସନ(ଖ୍ରୀ. ୧୨୧୦-୧୨୩୬)ର ବୈଶିଷ୍ଟ୍ୟ ଥିଲା ହୃତ୍ କ୍ଷେତ୍ରରେ ସୁଲତାନଙ୍କ କର୍ତ୍ତୃତ୍ୱର ପୁନଃପ୍ରତିଷ୍ଠା ପାଇଁ ସଂଗଠିତ ଅଭିଯାନ । ଖ୍ରୀ. ୧୨୧୫ରେ ତିରୋରୀରେ ୟଲଦୁଜ ପରାସ୍ତ ହେଲେ ଏବଂ ଖ୍ରୀ. ୧୨୧୭ରେ ଇଲତୁତମିସ କବାଚାଙ୍କ ଠାରୁ ଲାହୋର ପ୍ରଦେଶ ଛଡ଼ାଇ ଆଣି ସେଠାରେ ଶାସକ ନିଯୁକ୍ତ କଲେ ।

ଏ ଘଟଣାର ତିନି ବର୍ଷ ମଧ୍ୟରେ ଚେଙ୍ଗିଜ ଖାଁଙ୍କ ନେତୃତ୍ୱରେ ମଙ୍ଗୋଲମାନେ ପଞ୍ଜାବରେ ଆଶ୍ରୟ ଗ୍ରହଣକାରୀ ଖ୍ୱାରିଜମ ଶାସକଙ୍କ ପୁତ୍ର ଜଲାଲୁଦ୍ଦିନ ମଙ୍ଗବରନିଙ୍କ ଅନୁଧାବନ ପୂର୍ବକ ସିନ୍ଧୁ ନଦୀ

ତଟରେ ପଦାର୍ପଣ କଲେ । ମଙ୍ଗୋଲମାନେ ଥିଲେ ଦିଲ୍ଲୀ ସୁଲତାନଙ୍କ ସ୍ଥାୟୀ ଚିନ୍ତାର କାରଣ ମଧ୍ୟରୁ ଅନ୍ୟତମ ।

ମଙ୍ଗୋଲ ଉପସ୍ଥିତି ଗୋଟିଏ ପକ୍ଷରେ ଇଲତୁତମିସଙ୍କ ଉତ୍ତରପଶ୍ଚିମ ଦୃଢ଼ୀକରଣ ଯୋଜନାକୁ ବିପର୍ଯ୍ୟସ୍ତ କରିଦେଇ ଥିବା ବେଳେ ଅପର ପକ୍ଷରେ ଉଛ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିବା କବାଚାଙ୍କ ବିଧ୍ୱଂସ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କଲା । କବାଚା ମଙ୍ଗବରନିଙ୍କ ଆକ୍ରମଣର ଶରବ୍ୟ ହେଲେ । ପରିଣାମ ସ୍ୱରୂପ ଇଲତୁତମିସ ଭଟିଣ୍ଡା, କୁହରାମ ଓ ସରସୁତି ହାସଲ କରିବାରେ ସମର୍ଥ ହେଲେ । ଖ୍ରୀ. ୧୨୨୮ ପାଖାପାଖି ସେ ମୁଲତାନ ଓ ଉଛ୍ ଉପରେ ଯୁଗପତ୍ ଆକ୍ରମଣ କଲେ । ପରାଜିତ କବାଚା ନିଜକୁ ସିନ୍ଧୁ ନଦୀରେ ନିମଜ୍ଜିତ କଲେ । ଉତ୍ତରପଶ୍ଚିମ ଉପରେ ଏକୀକୃତ ନିୟନ୍ତ୍ରଣ ଏଣିକି ଦିଲ୍ଲୀ ସୁଲତାନଙ୍କ ପକ୍ଷରେ ସମ୍ଭବପର ହେଲା । ରାଜପୁତାନାରେ ତୁର୍କମାନେ ରଣଥମ୍ଭୋର, ମନ୍ଦୋର, ଜାଲୋର, ବୟାନା ଓ ଥଙ୍ଗିର ପୁନଃପ୍ରାପ୍ତ କରିବାରେ ସମର୍ଥ ହୋଇଥିଲେ । ଖ୍ରୀ. ୧୨୨୫ ପରେ ଇଲତୁତମିସ ପୂର୍ବ ଆଡ଼କୁ ମୁହାଁଇଲେ । କାଁ ଭାଁ ସାମରିକ ସଫଳତା ସତ୍ତ୍ୱେ ବଙ୍ଗଳାର ଲକ୍ଷ୍ନୌତି ଓ ବିହାର ସୁଲତାନଙ୍କ କର୍ତ୍ତୃତ୍ୱକୁ ଟାଳି ଚାଲିବା ଅବ୍ୟାହତ ରହିଥିଲା । ଜଣେ ଆଧୁନିକ ଐତିହାସିକ ସୁଲତାନଙ୍କ ସଫଳତାର ଆକଳନ ନିମ୍ନ ମତେ କରିଛନ୍ତି:

*"ପ୍ରାଶାସନିକ ବ୍ୟବସ୍ଥାର ପ୍ରଥମ ରୂପରେଖ ପାଇଁ ସୁଲତାନୀ ଶାସନ ତାଙ୍କ ନିକଟରେ ଋଣୀ । ସେ ଏକ ନିରଙ୍କୁଶ ରାଜତନ୍ତ୍ରର ଭିତ୍ତି ସ୍ଥାପନ କରିଥିଲେ ଯାହା ପରବର୍ତ୍ତୀ କାଳରେ ଖାଲଜିମାନଙ୍କ ଅଧୀନରେ ସାମରିକ ସାମ୍ରାଜ୍ୟବାଦର ଅସ୍ତ୍ର ରୂପେ ବ୍ୟବହୃତ ହେଲା । ଦିଲ୍ଲୀରେ ସୁଲତାନୀ ଶାସନ ଓ ଏହାର ସାର୍ବଭୌମ ପ୍ରତିଷ୍ଠାର ରୂପରେଖକାର ଆଇବାକ ଏବଂ ଇଲତୁତମିସ ପ୍ରଶ୍ନାତୀତ ଭାବେ ଏହାର ପ୍ରଥମ ରାଜା ।"*

ଇଲତୁତମିସଙ୍କ ମୃତ୍ୟୁରେ ତୁର୍କମାନଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ଓ ଷଡ଼ଯନ୍ତ୍ର ତୀବ୍ର ରୂପ ଧାରଣ କଲା । ପ୍ରାୟ ତିରିଶି ବର୍ଷରେ ଇଲତୁତମିସଙ୍କ ବଂଶର ଚାରିଜଣ ଶାସକ ସିଂହାସନ ଅଧିକାର କଲେ । ଏ ବର୍ଷଗୁଡ଼ିକରେ ଶୀର୍ଷ ରାଜନୀତିର ଦିକ୍ ନିର୍ଣ୍ଣାୟକ ସର୍ବ ପ୍ରମୁଖ ଗୋଷ୍ଠୀଟିକୁ *ତୁର୍କାନ-ଇ ଚିହିଲଗାନି ବନ୍ଦଗାନ ସାମସି* (ଇଲତୁତମିସଙ୍କ 'ଚାଳିଶି' ତୁର୍କ କ୍ରୀତଦାସ 'ଅଧିକାରୀ') ରୂପେ ଚିହ୍ନଟ

କରାଯାଇଛି । ଚତୁର୍ଦ୍ଦଶ ଶତାବ୍ଦୀର ଐତିହାସିକ ଜିଆଉଦ୍ଦିନ ବରାନି ଏ ସଙ୍କଟପୂର୍ଣ୍ଣ ବର୍ଷଗୁଡ଼ିକର ସଂକ୍ଷିପ୍ତ, ସାରଭୂତ ତଥା ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବିବରଣ ଛାଡ଼ିଯାଇଛନ୍ତି:

*"ସାମସୁଦ୍ଦିନ (ଇଲତୁତମିସ)ଙ୍କ ଶାସନ କାଳରେ ଅଦ୍ୱିତୀୟ ମାଲିକ, ଓ୍ୱଜିର... ବିଦ୍ୱାନ, ପ୍ରାଜ୍ଞ ଓ ସମର୍ଥମାନଙ୍କ ଉପସ୍ଥିତି ହେତୁ ସୁଲତାନ (ସାମସୁଦ୍ଦିନ)ଙ୍କ ଦରବାର ବ୍ୟବସ୍ଥିତ ହୋଇପାରି ଥିଲା । ... କିନ୍ତୁ ସୁଲତାନଙ୍କ ମୃତ୍ୟୁ ପରେ ... ତାଙ୍କର 'ଚାଳିଶି' ତୁର୍କ କ୍ରୀତଦାସ ମଜବୁତ ସ୍ଥିତି ପ୍ରାପ୍ତ ହେଲେ । ... ତୁର୍କ କ୍ରୀତଦାସ ଅଧିକାରୀଙ୍କ ଆଧିପତ୍ୟ ଯୋଗୁଁ ମହତ ଜନ୍ମା ଏ ସକଳ ବ୍ୟକ୍ତିଙ୍କୁ ... ସାମସୁଦ୍ଦିନଙ୍କ ଉତ୍ତରାଧିକାରୀମାନଙ୍କ ଶାସନ କାଳରେ ବିଭିନ୍ନ ଆଳରେ ଧ୍ୱଂସ କରି ଦିଆଗଲା । "*

ବରାନିଙ୍କ ବିବରଣ ପ୍ରଧାନତଃ ସମକାଳୀନ ଘଟଣାବଳୀ ଦ୍ୱାରା ପରିପୁଷ୍ଟ । ଖ୍ରୀ. ୧୨୩୫ରୁ ୧୨୬୬ ମଧ୍ୟରେ ରାଜନୀତିକ ଘଟଣାବଳୀ ସୁଲତାନ ଏବଂ ନିଜର ବିଶେଷ ସ୍ଥିତି ଧରି ରଖିବାକୁ ବଦ୍ଧପରିକର ଏକ ସାମରିକ ଅଭିଜାତ ଗୋଷ୍ଠୀ ମଧ୍ୟରେ ସଂଘର୍ଷକୁ କେନ୍ଦ୍ର କରି ଘୂର୍ଣ୍ଣାୟମାନ ଥିଲା । କିନ୍ତୁ ସନ୍ତୁଳନ ବହୁ ସମୟରେ ଦ୍ୱିତୀୟ ପକ୍ଷ ପ୍ରତି ଅଧିକରୁ ଅଧିକ ଢଳି ରହୁଥିଲା ।

ଏ ପରିସ୍ଥିତିରେ ସୁଲତାନୀ ଶାସନର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା । କ୍ଷୁଦ୍ର ରାଜପୁତ ମୁଖିଆ ଓ ସ୍ଥାନୀୟ ନେତୃତ୍ୱର ଅବଜ୍ଞା ଦ୍ୱାରା ରାଜନୀତିକ ଅସ୍ଥିରତା ବୃଦ୍ଧି ପାଉଥିଲା । ଅଧିକନ୍ତୁ ପଞ୍ଜାବର ଆଖପାଖରେ ମଙ୍ଗୋଲମାନେ ଥିଲେ ନିରନ୍ତର ସକ୍ରିୟ ।

## ୨.୬ ବଲବନ(ଖ୍ରୀ.୧୨୬୬-୧୨୮୭)ଙ୍କ ଅଧୀନରେ ଦୃଢ଼ୀକରଣ

ବଲବନ ନିଃସନ୍ଦେହରେ ଦିଲ୍ଲୀର ସୁଲତାନୀ ଶାସନ ଏବଂ ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ଏହାର ସରକାର ଓ ଅନୁଷ୍ଠାନଗୁଡ଼ିକୁ ରୂପ ଦେବାରେ ଥିଲେ ଜଣେ ପ୍ରଧାନ ସ୍ଥପତି । ସେ ରାଜତନ୍ତ୍ରର କ୍ଷମତାକୁ ଦୃଢ଼ ରୂପେ ଜାହିର କରିବା ସଙ୍ଗେ ସଙ୍ଗେ ଏଥିରେ ବୃଦ୍ଧି ଘଟାଇ ଥିଲେ । ଖ୍ରୀ. ୧୨୬୬ରେ ବଲବନଙ୍କ ସିଂହାସନ ଆରୋହଣ ଦ୍ୱାରା ସୁଲତାନୀ ଶାସନକୁ ଜଣେ କଠୋରମନା

ଶାସକ ପ୍ରାପ୍ତ ହେଲା । ବଲବନ ନିଜ ପାଇଁ ଦୁଇଟି ଲକ୍ଷ୍ୟ ନିରୂପଣ କରିଥିଲେ: (୧) ବିସ୍ତୃତ ଦରବାରୀ ରୀତି ପ୍ରବର୍ତ୍ତନ ଏବଂ ସାଧାରଣ ଜନତାଙ୍କ ଠାରୁ ଶାସକଙ୍କୁ ଦୂରେଇ ତଥା ତାଙ୍କୁ ଭୟ ଯୁକ୍ତ ସମ୍ମାନର ଏକ ପ୍ରତୀକରେ ରୂପାନ୍ତର କରୁଥିବା ସସ୍‌ସାନୀ ପରମ୍ପରାର ଅନ୍ତର୍ନିବେଶ ଘଟାଇ ସିଂହାସନର ମର୍ଯ୍ୟାଦା ବୃଦ୍ଧି; (୨) ତୁର୍କ ଶକ୍ତିର ଦୃଢ଼ୀକରଣ । ବଲବନଙ୍କ ମତରେ ସୁଲତାନ ଥିଲେ ମର୍ତ୍ତ୍ୟରେ ଭଗବଦ୍ ଛାୟା *(ଜିଲ-ଇ-ଇଲାହି)* ଏବଂ ଦିବ୍ୟ କରୁଣାର ଗ୍ରହୀତା *(ନିବ୍ୟାବତ-ଇ-ଖୁଦାଇ)* । ସୁଲତାନଙ୍କ ପ୍ରତିଷ୍ଠାର ଉତ୍‌ଥାନ ପାଇଁ ସେ ନିରଙ୍କୁଶ ଢଙ୍ଗରେ ଶାସନ କଲେ ଏବଂ କଠିନ ପରିଶ୍ରମ କଲେ । ଦ୍ୱିତୀୟ ଲକ୍ଷ୍ୟ ସାଧନ ପାଇଁ ବଲବନ ଦୃଢ଼ ହସ୍ତରେ ବିଦ୍ରୋହ ଦମନ ସଙ୍ଗକୁ ପ୍ରାଶାସନିକ କାର୍ଯ୍ୟବିଧିକୁ ସୁବ୍ୟବସ୍ଥିତ କଲେ ।

ରାଜ ପ୍ରତିନିଧି ରୂପେ ବଲବନ ଦିଲ୍ଲୀ ସୁଲତାନୀ ଶାସନର ସମସ୍ୟା ସମ୍ବନ୍ଧରେ ଉତ୍ତମ ଭାବେ ଅବଗତ ଥିଲେ । 'ଚାଳିଶି' ରୂପେ ଅଭିହିତ ଅଭିଜାତଙ୍କ ଠାରୁ ରାଜତନ୍ତ୍ର ପ୍ରତି ଅସଲ ବିପଦ ରହିଥିବା ସେ ଜାଣିଥିଲେ । ରାଜତନ୍ତ୍ରର କ୍ଷମତା ଓ କର୍ତ୍ତୃତ୍ୱ ବୃଦ୍ଧି ଦ୍ୱାରା ହିଁ ଏ ସମସ୍ୟାର ସମାଧାନ ସମ୍ଭବପର ବୋଲି ସେ ଦୃଢ଼ ନିଶ୍ଚିତ ଥିଲେ । ସେ ଇଲତୁତମିସଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ହତ୍ୟା କଲେ ଏବଂ *ଚହଲଗାନି*ଙ୍କୁ ମରଣାନ୍ତକ ଆଘାତ ଦେଲେ ।

ଅଭିଜାତଙ୍କ ଉପରେ ତାଙ୍କ ଉତ୍କର୍ଷ ପ୍ରମାଣ କରିବାକୁ ବଲବନ କଠୋର ଦରବାରୀ ଶୃଙ୍ଖଳା ଏବଂ *ସିଜଦା* (ସାଷ୍ଟାଙ୍ଗ ପ୍ରଣାମ) ଓ *ପୈବସ* (ସୁଲତାନଙ୍କ ପଦଚୁମ୍ବନ) ଭଳି ନୂତନ ପ୍ରଥା ପ୍ରବର୍ତ୍ତନ କଲେ । ଲୋକଙ୍କ ମନରେ ସରକାରର ସାମର୍ଥ୍ୟ ଓ ଏହା ପ୍ରତି ଭୟର ଛାପ ସୃଷ୍ଟି ପାଇଁ ସେ ଏକ ଭବ୍ୟ ଦରବାରର ଆୟୋଜନ ସଙ୍ଗକୁ ପାରସୀ ଉତ୍ସବ *ନୌରୋଜ* ପ୍ରବର୍ତ୍ତନ କଲେ । ତାଙ୍କୁ କେହି ଅଗମ୍ଭୀର ମୁଦ୍ରାରେ ନ ଦେଖୁ ଏଇ ଉଦ୍ଦେଶ୍ୟରେ ବଲବନ ଦରବାରରେ ହାସ ପରିହାସ ଏପରିକି ମଦ୍ୟପାନ ନିଷିଦ୍ଧ କଲେ । କେବଳ ସର୍ବାଧିକ ଆଜ୍ଞାକାରୀଙ୍କୁ ବାଦ୍ ଦେଇ ଅପର ସକଳ ଅଭିଜାତଙ୍କୁ ସେ ନ୍ୟାୟୋଚିତ ହେଉ କି ଅନ୍ୟାୟୋଚିତ ଯେନ କେନ ପ୍ରକାରେ ନିର୍ମୂଳ କଲେ । ଅଯୋଧ୍ୟାର ଶାସକ ହୟବତ ଖାଁଙ୍କୁ ଜଣେ ମଦ୍ୟପର ହତ୍ୟା ଅଭିଯୋଗରେ ଦଣ୍ଡିତ କରାଗଲା । ଭଟିଣ୍ଡାର ଶାସକ ସେର ଖାଁଙ୍କୁ ବିଷ ଦିଆଗଲା । ବଲବନ ଥିଲେ ଗଭୀର ଜାତିବାଦୀ । ସେ ପ୍ରଶାସନରୁ ଅଣତୁର୍କମାନଙ୍କୁ ବାଦ୍ ଦେଇଥିଲେ ଏବଂ ତୁର୍କ ଅଭିଜାତମାନଙ୍କ ସର୍ବୋଚ୍ଚ ସମର୍ଥକ ରୂପେ ଉଭା ହୋଇଥିଲେ । ଭାରତୀୟ

ମୁସଲମାନମାନଙ୍କୁ ତାଙ୍କ ଶାସନରେ ମହତ୍ୱପୂର୍ଣ୍ଣ ପଦବୀ ଦିଆଯାଇ ନ ଥିଲା । ଅଭିଜାତମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସେ ଗୁପ୍ତଚର ନିଯୁକ୍ତ କରିଥିଲେ ।

ସୁଲତାନ ହେବା ବେଳେ ବଲବନଙ୍କ ସ୍ଥିତି ସୁରକ୍ଷିତ ନ ଥିଲା । ଅନେକ ତୁର୍କ ମୁଖିଆ ଥିଲେ ତାଙ୍କ ପ୍ରତି ଶତ୍ରୁମନୋଭାବାପନ୍ନ । ମଙ୍ଗୋଲମାନେ ସୁଲତାନୀ ରାଜ୍ୟ ଉପରେ ଆକ୍ରମଣ ପାଇଁ ମଉକା ଉଣ୍ଡୁଥିଲେ । ଦୂର ପ୍ରଦେଶର ଶାସକମାନେ ସ୍ୱାଧୀନ ହେବାକୁ ଚେଷ୍ଟା କରୁଥିଲେ । ଭାରତୀୟ ଶାସକମାନେ ସାମାନ୍ୟ ସୁଯୋଗ ପ୍ରାପ୍ତି ମାତ୍ରେ ବିଦ୍ରୋହ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ଦିଲ୍ଲୀ ଓ ଦୋଆବ ଅଞ୍ଚଳରେ ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ି ଯାଇଥିଲା । ଗଙ୍ଗା-ଯମୁନା ଦୋଆବ ଓ ଅଯୋଧ୍ୟାର ସଡ଼କରେ ଚୋର ଡକାୟତ ଘୂରି ବୁଲୁଥିଲେ । ଏଥିଯୋଗୁଁ ପୂର୍ବ କ୍ଷେତ୍ର ସହ ଯୋଗାଯୋଗ ଆୟାସସାଧ ହୋଇଯାଇ ଥିଲା । ଏ କ୍ଷେତ୍ରରେ କେତେକ ରାଜପୁତ ଜମିଦାର ଦୁର୍ଗ ନିର୍ମାଣ କରିଥିଲେ ଏବଂ ସରକାରକୁ ଅମାନ୍ୟ କରୁଥିଲେ । ମେଓ୍ୱାଟୀମାନେ ଦିଲ୍ଲୀ ଉପାନ୍ତ ପର୍ଯ୍ୟନ୍ତ ଜନତାଙ୍କୁ ଲୁଟ୍ କଲା ଭଳି ସାହସ ପୋଷଣ କରୁଥିଲେ ।

ଏ ସ୍ଥିତିର ସମ୍ମୁଖୀନ ହେବାକୁ ବଲବନ ଏକ କଠୋର ନୀତି ଅବଲମ୍ବନ କଲେ । ଉଭୟ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଦମନ ଏବଂ ପଞ୍ଜାବ ପର୍ଯ୍ୟନ୍ତ ପଶିଆସି ଦିଲ୍ଲୀର ସୁଲତାନୀ ଶାସନ ପ୍ରତି ଗମ୍ଭୀର ଆପଦ ସୃଷ୍ଟି କରିଥିବା ମଙ୍ଗୋଲମାନଙ୍କ ବିତାଡ଼ନ ପାଇଁ ସେ ଏକ ଦୃଢ଼ କେନ୍ଦ୍ରୀକୃତ ସେନା ଗଠନ କଲେ । ସେ *ଦିଓ୍ୱାନ-ଇ-ଅର୍ଜ*(ସାମରିକ ବିଭାଗ)ଠାରୁ *ଦିଓ୍ୱାନ-ଇ-ଓ୍ୱିଜାରତ*(ଅର୍ଥ ବିଭାଗ)କୁ ପୃଥକ୍ କଲେ; *ଦିଓ୍ୱାନ-ଇ-ଅର୍ଜ*ର ପୁନର୍ଗଠନ ପୂର୍ବକ ବିଦ୍ରୋହ ଦମନ ପାଇଁ ଦେଶର ବିବିଧ ଅଂଶରେ ସେନା ମୁତୟନ କଲେ । ମେଓ୍ୱାଟ, ଦୋଆବ, ଅଯୋଧ୍ୟା ଓ କଟିହାରର ବିଶୃଙ୍ଖଳାକୁ ନିର୍ଦ୍ଦୟ ଭାବେ ଦମନ କରାଗଲା । ବଲବନ ମଧ୍ୟ ପୂର୍ବ ରାଜପୁତାନାର ଅଜମେର ଓ ନାଗୌଡ଼ ଉପରେ ନିୟନ୍ତ୍ରଣ ସୁନିଶ୍ଚିତ କଲେ । କିନ୍ତୁ ରଣଥମ୍ଭୋର ଓ ଗ୍ୱାଲିଅର ଅଧିକାର ପାଇଁ ତାଙ୍କ ପ୍ରଚେଷ୍ଟା ବିଫଳ ହେଲା । ରାଜ୍ୟ ବିସ୍ତାର ପରିବର୍ତ୍ତେ ବଲବନ ଆଇନ ଶୃଙ୍ଖଳା ପ୍ରତିଷ୍ଠା ପ୍ରତି ଅଧିକ ଧ୍ୟାନ ଦେଇଥିଲେ । ମେଓ୍ୱାଟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ଡକାୟତିର ନିବାରଣ କଲେ । ନିର୍ଦ୍ଦୟ ଭାବେ ଡକାୟତମାନଙ୍କର ଅନୁଧାବନ କରି ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ପରିଣାମ ସ୍ୱରୂପ ଯାତାୟାତ ପାଇଁ ସଡ଼କଗୁଡ଼ିକ ନିରାପଦ ହେଲା ।

ମଙ୍ଗୋଲ ଆପଦ ଏବଂ ସୁଲତାନଙ୍କ ବୃଦ୍ଧାବସ୍ଥା ଦ୍ୱାରା ପ୍ରୋତ୍ସାହିତ ହୋଇ ଖ୍ରୀ. ୧୨୭୯ରେ ବଙ୍ଗର ଶାସକ ତୁଘ୍ରିଲ ବେଗ ବିଦ୍ରୋହ କଲେ; ସୁଲତାନ ଉପାଧି ଧାରଣ କରି ନିଜ ନାମରେ *ଖୁତବା* ପଢ଼ାଇଲେ । ବଲବନ ବଙ୍ଗକୁ ସେନା ପ୍ରେରଣ ପୂର୍ବକ ତୁଘ୍ରିଲଙ୍କ ଶିରଚ୍ଛେଦ କରାଇଲେ । ଏହା ପରେ ନିଜ ପୁତ୍ର ବୁଘ୍ରା ଖାଁଙ୍କୁ ସେ ବଙ୍ଗର ଶାସକ ନିଯୁକ୍ତ କଲେ ।




**ଦାସ ବଂଶର ଅଞ୍ଚଳ**

ଏ ସମସ୍ତ ରୁକ୍ଷ ପଦ୍ଧତି ଅବଲମ୍ବନ ପୂର୍ବକ ବଲବନ ସ୍ଥିତିକୁ ନିୟନ୍ତ୍ରଣ କଲେ । ସେ ନିଜକୁ *ନାସିର-ଅମିର-ଉଲ-ମୋମିନ* (ଖଲିଫାଙ୍କ ଦକ୍ଷିଣ ହସ୍ତ) ରୂପେ ଅଭିହିତ କରୁଥିଲେ; *ଉଲେମା*ମାନେ ରାଜନୀତିକ କ୍ରିୟାକଳାପରେ ହସ୍ତକ୍ଷେପ ନ କରି ନିଜକୁ ଧାର୍ମିକ ବ୍ୟାପାରରେ ସୀମାବଦ୍ଧ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପରମ ନିରପେକ୍ଷତାର ସହ ନ୍ୟାୟ ବିତରଣ କରୁଥିଲେ । ଦୃଷ୍ଟାନ୍ତ ସ୍ୱରୂପ ଭୃତ୍ୟ ପ୍ରତି ନିଷ୍ଠୁରତା ଯୋଗୁଁ ବଦାୟୁଁର ଶାସକ ମାଲିକ ବକବକଙ୍କୁ ସର୍ବସାଧାରଣରେ ବେତ୍ରାଘାତ କରାଯାଇ ଥିଲା ।

ରକ୍ତ ଓ ଲୌହ ନୀତି ଅନୁସରଣ କରି ବଲବନ ଏକ ନିପୁଣ ଗୁପ୍ତଚର ବ୍ୟବସ୍ଥା ବିକଶିତ କରାଇଥିଲେ । ପ୍ରତ୍ୟେକ ବିଭାଗରେ ଗୁପ୍ତଚର ନିଯୁକ୍ତି ପୂର୍ବକ ସେ ନିଜକୁ ଉତ୍ତମ ରୂପେ ଅବଗତ ରଖୁଥିଲେ । ମଙ୍ଗୋଲମାନଙ୍କ ବିରୋଧରେ ସୀମାନ୍ତକୁ ଦୃଢ଼ କରିଥିବା ସତ୍ତ୍ୱେ ସେମାନଙ୍କ ଆକ୍ରମଣରୁ ଉତ୍ତର ଭାରତକୁ ପୂର୍ଣ୍ଣ ସୁରକ୍ଷା ପ୍ରଦାନରେ ସେ ତଥାପି ସମର୍ଥ ହୋଇ ନ ଥିଲେ । ଅଧିକନ୍ତୁ କ୍ଷମତା ଓ କର୍ତ୍ତୃତ୍ୱରୁ ଅଣତୁର୍କମାନଙ୍କୁ ବଞ୍ଚିତ କରି ଏବଂ କେବଳ ଅତ୍ୟନ୍ତ ସଙ୍କୀର୍ଣ୍ଣ ଏକ ଜାତିବାଦୀ ଗୋଷ୍ଠୀକୁ ବିଶ୍ୱାସ କରି ସେ ବହୁ ଲୋକଙ୍କୁ ଅସନ୍ତୁଷ୍ଟ କରିଥିଲେ ।

ତେବେ ଉତ୍ତରପଶ୍ଚିମରେ ମଙ୍ଗୋଲମାନେ ପୁଣି ଦେଖାଦେଲେ ଏବଂ ସେମାନଙ୍କ ବିରୋଧରେ ବଲବନ ନିଜ ପୁତ୍ର ରାଜକୁମାର ମାମୁଦଙ୍କୁ ପ୍ରେରଣ କଲେ । କିନ୍ତୁ ଯୁଦ୍ଧରେ ରାଜକୁମାର ( *ଖାନ୍-ଇ-ସାହିଦ*) ନିହତ ହେଲେ ଏବଂ ତାଙ୍କ ମୃତ୍ୟୁ ଥିଲା ବଲବନଙ୍କ ପାଇଁ ଏକ ବିନାଶକାରୀ ଆଘାତ । ସେ ଖ୍ରୀ. ୧୨୮୭ରେ ମୃତ୍ୟୁ ବରଣ କଲେ ।

## ୨.୭ ଆଲାଉଦ୍ଦିନ ଖାଲଜି(ଖ୍ରୀ.୧୨୯୬-୧୩୧୬)ଙ୍କ ଅଧୀନରେ ଦୃଢ଼ୀକରଣ

ବିଶାଳ ବିସ୍ତାରବାଦୀ କାର୍ଯ୍ୟକ୍ରମ ପାଇଁ ପ୍ରଥମ ଖାଲଜି ସୁଲତାନ ଜଲାଲୁଦ୍ଦିନଙ୍କର କୌଣସି ଅଭିଳାଷ ନ ଥିଲା କି ଏଥିପାଇଁ ତାଙ୍କ ପାଖରେ ସାଧନ ମଧ୍ୟ ନ ଥିଲା । ତାଙ୍କ ଶାସନର ଛ' ବର୍ଷ ସୁଲତାନଙ୍କ

ନୀତି ଓ ସମର୍ଥକଙ୍କ ସ୍ୱାର୍ଥ ମଧ୍ୟରେ ବୁଝାମଣାର ଆଭ୍ୟନ୍ତରୀଣ ବିରୋଧାଭାସରେ ପରିପୂର୍ଣ୍ଣ ଥିଲା । ସୁଲତାନଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ହତ୍ୟା ଥିଲା ଏ ସମସ୍ୟାର ସମାଧାନ । ତାଙ୍କ ହତ୍ୟାକାରୀ ଓ ଉତ୍ତରାଧିକାରୀ ଆଲାଉଦ୍ଦିନ ଖାଲଜିଙ୍କର ଭିନ୍ନ ଧରଣର ସାମ୍ରାଜ୍ୟବାଦୀ ପରିକଳ୍ପନା ରହିଥିଲା । ସେ ଥିଲେ ରାଜ୍ୟହରଣ ଯୁଗର ଅଗ୍ରଦୂତ । ତାଙ୍କ ଅଧୀନରେ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ଦିଲ୍ଲୀ ସୁଲତାନଙ୍କ ସାମ୍ରାଜ୍ୟର ସୀମା ଦକ୍ଷିଣରେ ଉପଦ୍ୱୀପର ଅଗ୍ରଭାଗର ନିକଟବର୍ତ୍ତୀ ହୋଇଥିଲା ।

## ୨.୭.୧ ପଶ୍ଚିମ ଓ କେନ୍ଦ୍ର ଭାରତ

ଆଲାଉଦ୍ଦିନ ଖାଲଜି ଦିଲ୍ଲୀରେ ନିଜ ସ୍ଥିତି ସୁଦୃଢ଼ କରିବା ପରେ ଖ୍ରୀ. ୧୨୯୯ରେ ଗୁଜରାଟ ଅଞ୍ଚଳରେ ପ୍ରଥମ ଅଭିଯାନ ଚଳାଇଲେ । ଏହା ଥିଲା ତାଙ୍କ ଅଧୀନରେ ରାଜ୍ୟ ବିସ୍ତାରର ପ୍ରଥମ ଯୋଜନା । ଗୁଜରାଟର ବାଣିଜ୍ୟିକ ପ୍ରାଚୁର୍ଯ୍ୟ ଚିରକାଳ ଆକ୍ରମଣକାରୀଙ୍କୁ ପ୍ରଲୁବ୍ଧ କରିଆସିଥିଲା । ଆଲାଉଦ୍ଦିନ ମଧ୍ୟ ସମ୍ଭବତଃ ସମ୍ପଦ ଲାଳସାରେ ଗୁଜରାଟ ଆକ୍ରମଣ କରିଥିଲେ ।

ଆଲ୍ଲାଉଦ୍ଦିନଙ୍କ ଦୁଇ ଶ୍ରେଷ୍ଠ ସେନାପତି ଉଲୁଘ ଖାଁ ଓ ନୁସରତ ଖାଁଙ୍କ ଯୁଗ୍ମ ନେତୃତ୍ୱରେ ଗୁଜରାଟର ସହଜ ପତନ ସମ୍ଭବ ହୋଇଥିଲା । ସାମ୍ରାଜ୍ୟବାଦୀ ବାହିନୀ ରାଜଧାନୀ ଅନହିଲୱାଡ଼ାକୁ ଧ୍ୱସ୍ତ କରିବା ସମେତ ସମଗ୍ର ରାଜ୍ୟକୁ ଲୁଟ କଲେ । ଆଲପ ଖାଁଙ୍କୁ ରାଜ୍ୟପାଳ ନିଯୁକ୍ତ କରି ଶାସନ ଭାର ଅର୍ପଣ କରାଗଲା ।

ସାମ୍ରାଜ୍ୟର ପଶ୍ଚିମମୁଖୀ ବିସ୍ତାରର ପରବର୍ତ୍ତୀ ଶିକାର ଥିଲା ମାଳୱା । ରାଜଧାନୀ ମାଣ୍ଡୁରୁ ରାଜା ମହଲକ ଦେବ ଶକ୍ତିଶାଳୀ ମନ୍ତ୍ରୀ କୋକା ପ୍ରଧାନଙ୍କ ସହାୟତାରେ ଏ ବିସ୍ତୃତ ଅଞ୍ଚଳକୁ ଶାସନ କରୁଥିଲେ । ଖ୍ରୀ. ୧୩୦୫ରେ ସ୍ୱଳ୍ପ ସଂଖ୍ୟକ ସୁଲତାନୀ ସେନା ରାଜାଙ୍କ ବିଶାଳ ବାହିନୀକୁ ମୂଳପୋଛ କରି ମାଣ୍ଡୁ ଦୁର୍ଗ ଅଧିକାର କଲେ । ପତନ ପରେ ମାଳୱା ପ୍ରଦେଶର ଶାସନ ଭାର ଅଇନୁଲ ମୁଲ୍କଙ୍କୁ ଦିଆଗଲା । ସେ ଅଚିରେ ଉଜ୍ଜୈନ, ଧର ଓ ଚନ୍ଦେରିକୁ ମଧ୍ୟ ନିଜ ନିୟନ୍ତ୍ରଣକୁ ନେଲେ ।

ମାଲୱା ପରେ ସିୱାନ । ଯୋଧପୁରର ଦକ୍ଷିଣପଶ୍ଚିମକୁ ଅଶି କିଲୋମିଟର ଦୂରରେ ଥିବା ଏ ସହରକୁ ଆଲ୍ଲାଉଦ୍ଦିନଙ୍କ ସେନା ଖ୍ରୀ. ୧୩୦୪-୦୫ରୁ ଅବରୋଧରେ ରଖିଥିଲେ ମଧ୍ୟ ବିଶେଷ ସଫଳତା ହାସଲ କରିପାରି ନ ଥିଲେ । ପରିଶେଷରେ ଖ୍ରୀ. ୧୩୦୯ରେ ଦୁର୍ଗଟିର ପତନ ହେଲା । ରାଜା ଶୀତଳ ଦେବ ଯୁଦ୍ଧରେ ପ୍ରାଣ ହରାଇଲେ ଏବଂ ଦୁର୍ଗ ଓ ରାଜ୍ୟର ଦାୟିତ୍ୱ କମାଲୁଦ୍ଦିନ ଗୁର୍ଗଙ୍କ ଉପରେ ନ୍ୟସ୍ତ ହେଲା ।

ସେଇ ବର୍ଷ ଜାଲୋର ଆକ୍ରମଣ କରାଗଲା । ଏହାର ଶାସକ କହଁର ଦେବ ଯୁଦ୍ଧରେ ପ୍ରାଣ ତ୍ୟାଗ କଲେ ଏବଂ କମାଲୁଦ୍ଦିନ ଗୁର୍ଗଙ୍କ ନିୟନ୍ତ୍ରଣରେ ଦୁର୍ଗଟିକୁ ସୁଲତାନୀରେ ମିଶାଇ ଦିଆଗଲା ।

### ୨.୭.୨ ଉତ୍ତରପଶ୍ଚିମ ଓ ଉତ୍ତର ଭାରତ

ସିଂହାସନ ଆରୋହଣ ମାତ୍ରେ ଆଲାଉଦ୍ଦିନ ଜଲାଲୁଦ୍ଦିନଙ୍କ ପରିବାରର ଅବଶିଷ୍ଟ ଜୀବିତ ସଦସ୍ୟଙ୍କ ବିଦ୍ରୋହର ସମ୍ମୁଖୀନ ହେଲେ । ସେମାନେ ମୁଲତାନ ପଳାୟନ କଲେ । ମୁଲତାନରେ ଅରକଲି ଖାଁଙ୍କୁ ମୂଳପୋଛ କରିବାର ଦାୟିତ୍ୱ ଉଲୁଘ ଖାଁ ଓ ଜଫର ଖାଁଙ୍କୁ ଦିଆଗଲା । ଅରକଲି ଖାଁଙ୍କୁ ବନ୍ଦୀ କରି କଠୋର ପ୍ରହରା ମଧ୍ୟରେ ଦିଲ୍ଲୀ ଅଣାଗଲା । ମୁଲତାନ ପୁଣି ଦିଲ୍ଲୀ ଅଧୀନକୁ ଆସିଲା । ଯଥାର୍ଥରେ କହିଲେ ମୁଲତାନ ଅଭିଯାନ ରାଜ୍ୟ ବିସ୍ତାର ନୁହେଁ ଦୃଢ଼ୀକରଣ ନୀତିର ଅଂଶ ବିଶେଷ ଥିଲା ।

ଖ୍ରୀ. ୧୩୦୦ରେ ରାଜା ହମୀରଙ୍କ ଶାସିତ ରଣଥମ୍ବୋର ବିରୋଧୀ ଅଭିଯାନରେ ଆଲାଉଦ୍ଦିନ ଉଲୁଘ ଖାଁଙ୍କୁ ପ୍ରେରଣ କଲେ । ଅବଧରେ ନିଯୁକ୍ତ ଥିବା ନୁସରତ ଖାଁ ତାଙ୍କ ସହ ଯୋଗଦେଲେ । ସୁଲତାନୀ ବାହିନୀ ରାସ୍ତାରେ ଥିବା ଝୈନ ଅଧିକାର କଲା ପରେ ରଣଥମ୍ବୋର ଅବରୋଧ କଲେ । ସ୍ୱୟଂ ଆଲାଉଦ୍ଦିନ ବ୍ୟକ୍ତିଗତ ଭାବେ ଏ ଅଭିଯାନର ନେତୃତ୍ୱ ନେଲେ । ଛ' ମାସରୁ ଅଧିକ କାଳ ଅବରୋଧ ଜାରି ରହିଲା । ପରିଶେଷରେ ଦୁର୍ଗସ୍ଥ ମହିଳାମାନେ ଜହର ବ୍ରତ ପାଳନ କଲେ । ଦିନେ ରାତିରେ ଦୁର୍ଗର ଦ୍ୱାର ଖୋଲି ଦିଆଗଲା । ହମୀର ଦେବ ଯୁଦ୍ଧ କରୁକରୁ ପ୍ରାଣ ହରାଇଲେ ।

ସମାନ ନୀତିରେ ଆଲାଉଦ୍ଦିନ ଖ୍ରୀ. ୧୩୦୩ରେ ଚିତ୍ତୋର ରାଜ୍ୟ ଆକ୍ରମଣ କଲେ । ଅନେକ ସଂଘର୍ଷ ପରେ ଆକସ୍ମିକ ଭାବେ ଚିତ୍ତୋରର ରାଜା ସୁଲତାନଙ୍କ ନିକଟକୁ ଆତ୍ମସମର୍ପଣ କରିବାର ବାର୍ତ୍ତା ନିଜ ତରଫରୁ ପ୍ରେରଣ କଲେ । ଯୁବରାଜ ଖିଜର ଖାଁଙ୍କୁ ଏ ଅଞ୍ଚଳର ଶାସନ ଭାର ଅର୍ପଣ କରାଗଲା । କିନ୍ତୁ ଅଳ୍ପ କାଳ ପରେ ଦୁର୍ଗର ଦାୟିତ୍ୱ ପୂର୍ବତନ ଚିତ୍ତୋର ରାଜାଙ୍କ ଭଣଜା ମାଳଦେଓଙ୍କ ଉପରେ ନ୍ୟସ୍ତ ହେଲା । ଆଲ୍ଲାଉଦ୍ଦିନଙ୍କ ଶାସନର ପରିସମାପ୍ତି ପର୍ଯ୍ୟନ୍ତ ସେ ଦିଲ୍ଲୀ ପ୍ରତି ଅନୁଗତ ଥିଲେ ।

ଆଲ୍ଲାଉଦ୍ଦିନଙ୍କ ଶାସନର ପ୍ରଥମ ଦଶନ୍ଧି ଶେଷ ହେବା ବେଳକୁ ଦିଲ୍ଲୀ ସୁଲତାନୀର ସୀମା ଉତ୍ତରପଶ୍ଚିମରେ ମୁଲତାନଠାରୁ କେନ୍ଦ୍ର ଭାରତରେ ବିନ୍ଧ୍ୟାଞ୍ଚଳ ପର୍ଯ୍ୟନ୍ତ ପ୍ରାୟ ସମଗ୍ର ଉତ୍ତର, ପଶ୍ଚିମ ଓ କେନ୍ଦ୍ର ଭାରତରେ ବିସ୍ତୃତ ହୋଇସାରିଥିଲା ।




**ଖାଲଜି ବଂଶର ଅଞ୍ଚଳ**

## ୨.୭.୩ ଦାକ୍ଷିଣାତ୍ୟ ଓ ଦକ୍ଷିଣୀ ଅନ୍ୱେଷଣ

କାରାର ଶାସକ ଥିବା ବେଳେ ଖ୍ରୀ. ୧୨୯୬ରେ ଦାକ୍ଷିଣାତ୍ୟର ଦେବଗିରି ଆଲାଉଦ୍ଦିନଙ୍କ ଲୁଟର ଶିକାର ହୋଇଥିଲା । ଦାକ୍ଷିଣାତ୍ୟରେ ଆଲାଉଦ୍ଦିନଙ୍କ ପରବର୍ତ୍ତୀ ସାମରିକ ଅଭିଯାନ ମଧ୍ୟ ଦେବଗିରିର ରାଜା ରାମଚନ୍ଦ୍ର ଦେବଙ୍କ ବିରୋଧରେ ଉଦ୍ଦିଷ୍ଟ ଥିଲା । ଖ୍ରୀ. ୧୩୦୬-୦୭ର ଏ ଅଭିଯାନର ତାତ୍କାଳିକ କାରଣ ଥିଲା ଖ୍ରୀ. ୧୯୯୬ରେ ଦିଲ୍ଲୀକୁ ଉପଢୌକନ ପ୍ରେରଣରେ ଅଯଥା ବିଳମ୍ବ ।

ଦାକ୍ଷିଣାତ୍ୟ ଅଭିଯାନର ନେତୃତ୍ୱ ନେଉଥିଲେ ମାଲିକ କଫୁର । ଅଇନୁଲ ମୁଲ୍କ ଓ ଆଲପ ଖାଁଙ୍କୁ ସହାୟତା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମାମୁଲି ପ୍ରତିରୋଧ ପରେ ରାମଚନ୍ଦ୍ର ଦେବ ବ୍ୟକ୍ତିଗତ ସୁରକ୍ଷା ପ୍ରତିଶ୍ରୁତିରେ ସୁଲତାନୀ ବାହିନୀ ନିକଟରେ ଆତ୍ମସମର୍ପଣ କଲେ । ତେବେ ତାଙ୍କ ପୁତ୍ର ସୈନ୍ୟ ବାହିନୀର ଗୋଟିଏ ଅଂଶ ସହ ପଳାୟନ କଲେ । ରାମଚନ୍ଦ୍ର ଦେବଙ୍କୁ ସୁଲତାନଙ୍କ ଦ୍ୱାରା ବିପୁଳ ସମ୍ମାନ ଦିଆଗଲା । ସୁଲତାନଙ୍କୁ ନିୟମିତ ଓ ତୁରନ୍ତ ବାର୍ଷିକ ଭେଟି ପ୍ରଦାନ କରିବା ପ୍ରତିଶ୍ରୁତିରେ ତାଙ୍କୁ ଦେବଗିରିର ସିଂହାସନ ଫେରସ୍ତ ଦିଆଗଲା । ରାଜା ମଧ୍ୟ ସୁଲତାନଙ୍କ ସହ ତାଙ୍କ ଝିଅର ବିବାହ କରାଇଲେ । ମନେହୁଏ ଦେବଗିରି ଅଧିକାର କରିବା ଆଲାଉଦ୍ଦିନଙ୍କ ନୀତି ନ ଥିଲା । ଏହାକୁ ଏକ ସଂରକ୍ଷିତ ରାଜ୍ୟ ରୂପେ ରଖି ଯଥାସମ୍ଭବ ସମ୍ପଦ ଆହରଣ ତାଙ୍କର ଉଦ୍ଦେଶ୍ୟ ଥିଲା ।

ଦେବଗିରି ଅଭିଯାନର କୁଶଳ ପରିଚାଳନା ଜଣେ ସେନାପତି ରୂପେ ମାଲିକ କଫୁରଙ୍କ ଦକ୍ଷତା ଉପରେ ସୁଲତାନଙ୍କ ଆସ୍ଥା ବୃଦ୍ଧି କଲା । ତାଙ୍କ ଉପରେ ଦକ୍ଷିଣ ଉପଦ୍ୱୀପ ଅଞ୍ଚଳରେ ଆକ୍ରମଣର ଦାୟିତ୍ୱ ନ୍ୟସ୍ତ କରାଗଲା । ଏ ଅଭିଯାନଗୁଡ଼ିକର ଉଦ୍ଦେଶ୍ୟ ବାସ୍ତବ ରାଜ୍ୟବିସ୍ତାର ନୁହେଁ ଦକ୍ଷିଣୀ ରାଜ୍ୟଗୁଡ଼ିକର ଯଥାସମ୍ଭବ ସମ୍ପଦ ଆହରଣ ଥିଲା । ଏହି ଯୋଜନା ଅନୁସାରେ ମାଲିକ କଫୁର ଖ୍ରୀ. ୧୩୦୯ ଅକ୍‌ଟୋବର ମାସରେ ସୁଲତାନୀ ସେନାର ନେତୃତ୍ୱ ନେଇ ଦକ୍ଷିଣୀ ଅଭିଯାନରେ ବାହାରିଲେ । ଏ ଅଭିଯାନ ସମୂହର ବିସ୍ତୃତ ବର୍ଣ୍ଣନା ଅମିର ଖୁସ୍ରୁଙ୍କ *ଖଜୈନ-ଉଲ-ଫୁତୁ*ରେ ମିଳେ । ରାସ୍ତାରେ ମାଲିକ କଫୁର ଶିରପୁର (ଆଦିଲାବାଦ ଜିଲ୍ଲାରେ ଅବସ୍ଥିତ) ଦୁର୍ଗ ଉପରେ ଆକସ୍ମିକ ଆକ୍ରମଣ କଲେ । ଶିରପୁରର ଅଭିଜାତମାନେ ୱାରାଙ୍ଗଲର ରାଜା ରୁଦ୍ର ଦେବଙ୍କ ନିକଟକୁ ପଳାୟନ କଲେ ଏବଂ ସୁଲତାନୀ ବାହିନୀ ଦୁର୍ଗ ଅଧିକାର କଲେ ।

ଖ୍ରୀ. ୧୩୧୦ ଜାନୁଆରୀ ମଧ୍ୟ ଭାଗ ବେଳକୁ ମାଲିକ କଫୁରଙ୍କ ସେନା ୱାରାଙ୍ଗଲ ଉପାନ୍ତରେ ପହଞ୍ଚି ସାରିଥିଲେ ।

ଖ୍ରୀ. ୧୩୧୦ ଫେବୃଆରୀ ୧୪ରେ କଫୁର ଦୁର୍ଗ ଉପରେ ଆକ୍ରମଣ କଲେ । ଯୁଦ୍ଧ ଅଚିରେ ସମାପ୍ତ ହେଲା । କାରଣ ରାଜା ରୁଦ୍ରଦେବ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଲେ । ସେ ରାଜକୋଷ ଭାଗ କରିବା ସମେତ ଅଧୀନତାର ସଙ୍କେତ ସ୍ୱରୂପ ବାର୍ଷିକ ଭେଟି ଦେବାକୁ ସମ୍ମତି ପ୍ରକାଶ କଲେ ।

ୱାରାଙ୍ଗଲ ସୁଲତାନୀ ବାହିନୀ ପାଇଁ ଏକ ଅସାଧାରଣ ସାଫଲ୍ୟ ଥିଲା । ଲୁଟ ଦ୍ରବ୍ୟ ମଧ୍ୟରେ ୨୦,୦୦୦ ଘୋଡ଼ା, ୧୦୦ ହାତୀ ଏବଂ ହଜାରେ ଓଟ ପିଠିରେ ଲଦା ହୋଇଥିବା ବିପୁଳ ସୁନା ଓ ମୂଲ୍ୟବାନ ପ୍ରସ୍ତର ରହିଥିଲା । ୱାରାଙ୍ଗଲକୁ ସାମ୍ରାଜ୍ୟରେ ନ ମିଶାଇ ସଂରକ୍ଷିତ ରାଜ୍ୟର ମର୍ଯ୍ୟାଦା ଦିଆଗଲା । ସୁଲତାନୀ ସେନା ଖ୍ରୀ. ୧୩୧୦ ଜୁନ ଆରମ୍ଭ ବେଳକୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲା । ଏତିକି ବେଳକୁ ସୁଲତାନଙ୍କ ଲୋଲୁପତା ଥଳ କୂଳ ଖାଇ ସୀମା ଲଙ୍ଘନ କରୁଥିଲା । ମଙ୍ଗୋଲ ଉପଦ୍ରବରୁ ରାଜ୍ୟ ସୁରକ୍ଷିତ ଥିଲା । ଏବଂ ବିନ୍ଧ୍ୟର ଉତ୍ତରକୁ ପ୍ରାୟ ସମଗ୍ର ଦେଶ ଆଲାଉଦ୍ଦିନଙ୍କ ଅଧୀନକୁ ଆସି ସାରିଥିଲା । ସେ ତେଣୁ ସୁଦୂର ଦକ୍ଷିଣକୁ ଆଉ ଏକ ସାମରିକ ଅଭିଯାନର ଯୋଜନା କଲେ ।

ବର୍ତ୍ତମାନ ସୁଲତାନଙ୍କ ନଜର ୱାରାଙ୍ଗଲର ଆହୁରି ଦକ୍ଷିଣକୁ ଦ୍ୱାରାସମୁଦ୍ର ଉପରେ ଥିଲା । ମାଲିକ କଫୁରଙ୍କୁ ପୁଣି ସେନାବାହିନୀର ନେତୃତ୍ୱ ଦିଆଗଲା । ତାଙ୍କୁ ଏଥର ଅସୁମାରି ସୁବର୍ଣ୍ଣ ଓ ମୂଲ୍ୟବାନ ପ୍ରସ୍ତର ସଙ୍ଗକୁ ପ୍ରାୟ ୫୦୦ ହାତୀ ଆଣିବାକୁ ନିର୍ଦ୍ଦେଶ ଦିଆଗଲା । ଖ୍ରୀ. ୧୩୧୧ ଫେବୃଆରୀ ୨୬ରେ ଦ୍ୱାରାସମୁଦ୍ର ଦୁର୍ଗକୁ ଅବରୋଧ କରାଗଲା । ପରଦିନ ରାଜା ବଲ୍ଲାଳଦେବଙ୍କ ଠାରୁ ଶାନ୍ତି ସନ୍ଦେଶ ଆସିଲା । ପୂର୍ବଥରଗୁଡ଼ିକ ଭଳି ଏଥର ମଧ୍ୟ ସର୍ତ୍ତ ଥିଲା ରାଜକୋଷର ବୃହତ୍ ଭାଗ ସମର୍ପଣ ଏବଂ ବାର୍ଷିକ ଉପଢୌକନ ।

ଦ୍ୱାରାସମୁଦ୍ରର ସଫଳତାରେ ଉତ୍ସାହିତ ହୋଇ ମାଲିକ କଫୁର ଆହୁରି ଦକ୍ଷିଣକୁ ଅଭିଯାନ ଚଳାଇବାର ନିଷ୍ପତ୍ତି ନେଲେ । ଯୋଜନା ଅନୁସାରେ ମା'ବାର ଆଡ଼କୁ ଅଭିଯାନ ଚଳାଇ ସେ ମାସକରୁ କମ୍

ସମୟରେ ପାଣ୍ଡ୍ୟ ରାଜଧାନୀ ମଦୁରାରେ ପହଞ୍ଚିଲେ । ସେତେବେଳକୁ ରାଜା ସୁନ୍ଦର ପାଣ୍ଡ୍ୟ ପଳାୟନ କରିସାରିଥିଲେ । ମାଲିକ କଫୁର ୫୧୨ ହାତୀ, ୫୦୦୦ ଘୋଡ଼ା ଏବଂ ୫୦୦ ଭାର ମୂଲ୍ୟବାନ ପ୍ରସ୍ତର ଜବତ କଲେ ।

ଆଲାଉଦ୍ଦିନଙ୍କ ଦକ୍ଷିଣୀ ଅଭିଯାନ ସବୁ ଦୁଇଟି ମୂଳ ଉଦ୍ଦେଶ୍ୟରେ କରାଯାଇଥିଲା: (୧) ଦିଲ୍ଲୀ ସୁଲତାନଙ୍କ କର୍ତ୍ତୃତ୍ୱର ଆନୁଷ୍ଠାନିକ ସ୍ୱୀକୃତି, (୨) ସର୍ବନିମ୍ନ ଜୀବନ ହାନିରେ ସର୍ବାଧିକ ସମ୍ପଦ ସଂଗ୍ରହ । ବିଜିତ ଅଞ୍ଚଳକୁ ସାମ୍ରାଜ୍ୟରେ ନ ମିଶାଇ ସେମାନଙ୍କ ଦ୍ୱାରା ସ୍ୱୀୟ ସାର୍ବଭୌମତ୍ୱକୁ ସ୍ୱୀକୃତ କରାଇବା ଆଲାଉଦ୍ଦିନଙ୍କ ରାଜନୀତିକ କୁଶଳତାର ପରିଚୟ ।

ତେବେ ମା'ବାରରୁ ମାଲିକ କଫୁରଙ୍କ ପ୍ରତ୍ୟାବର୍ତ୍ତନର ଏକ ବର୍ଷ ମଧ୍ୟରେ ଦାକ୍ଷିଣାତ୍ୟର ଘଟଣାବଳୀ ଅମିଶ୍ରଣ ନୀତିର ପୁନଃସମୀକ୍ଷା ପାଇଁ ବାଧ୍ୟ କଲା । ଦେବଗିରିର ରାଜା ରାମଚନ୍ଦ୍ର ଖ୍ରୀ. ୧୩୧୨ର ଉତ୍ତରାର୍ଦ୍ଧରେ ମୃତ୍ୟୁ ବରଣ କଲେ । ତାଙ୍କ ଉତ୍ତରାଧିକାରୀ ଓ ପୁତ୍ର ଭିଲ୍ଲମା ଦିଲ୍ଲୀ ସୁଲତାନଙ୍କ ସାର୍ବଭୌମତ୍ୱକୁ ଅସ୍ୱୀକାର କରି ନିଜକୁ ସ୍ୱାଧୀନ ଘୋଷଣା କଲେ । ବିଦ୍ରୋହ ଦମନ ପାଇଁ ଆଲାଉଦ୍ଦିନ ମାଲିକ କଫୁରଙ୍କୁ ପ୍ରେରଣ କଲେ ଏବଂ ସେଇ ରାଜ୍ୟର ଶାସନ ଭାର ଅସ୍ଥାୟୀ ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ଅଳ୍ପ ସମୟ ପରେ ତାଙ୍କୁ ଫେରାଇ ଆଣି ଅଇନୁଲ ମୁଲ୍‌କଙ୍କୁ ପ୍ରଦେଶର ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଗଲା । ଜାନୁଆରୀ ୧୩୧୬ରେ ଆଲ୍ଲାଉଦ୍ଦିନଙ୍କ ମୃତ୍ୟୁ ପରେ ଅଇନୁଲ ମୁଲ୍‌କଙ୍କୁ ମଧ୍ୟ ଦେବଗିରିର ଅଶାନ୍ତ ସ୍ଥିତି ନ ସୁଧାରି ଦିଲ୍ଲୀ ଫେରାଇ ଅଣାଗଲା ।  ଆଲାଉଦ୍ଦିନଙ୍କ ଉତ୍ତରାଧିକାରୀ ମୁବାରକ ଖାଲଜି ସିଂହାସନ ଆରୋହଣର ଅଳ୍ପ ସମୟ ପରେ ଦେବଗିରି ଅଭିଯାନରେ ବାହାରିବାକୁ ଇଚ୍ଛା ପ୍ରକଟ କଲେ । କିନ୍ତୁ ତାଙ୍କ ଉପଦେଷ୍ଟାମାନେ ଦିଲ୍ଲୀରେ ଆସନ ଦୃଢ଼ କରିବାକୁ କିଛି ଅଧିକ ସମୟ ନେବା ପାଇଁ ପରାମର୍ଶ ଦେଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ଏପ୍ରିଲ ୧୩୧୭ରେ ମୁବାରକ ଅଭିଯାନ ଆରମ୍ଭ କଲେ । ଏ ଅଭିଯାନ ଥିଲା ସମ୍ପୂର୍ଣ୍ଣ ଘଟଣାବିହୀନ । ଦେବଗିରିରେ କୌଣସି ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ । ମରାଠା ମୁଖିଆମାନେ ସୁଲତାନଙ୍କ ନିକଟରେ ଆତ୍ମସମର୍ପଣ କଲେ । ରାଜ୍ୟଟିକୁ ସୁଲତାନଙ୍କ ସାମ୍ରାଜ୍ୟରେ ମିଶାଇ ଦିଆଗଲା ।

## ୨.୮ ମହମ୍ମଦ-ବିନ ତୁଗଲକ(ଖ୍ରୀ.୧୩୨୫-୧୩୫୧)ଙ୍କ ଅଧୀନରେ ଦୃଢ଼ୀକରଣ

ଖ୍ରୀ. ୧୩୨୦ରେ ଗିୟାସୁଦ୍ଦିନ ତୁଗଲକଙ୍କ ସିଂହାସନ ଆରୋହଣ ସହ ଦିଲ୍ଲୀରେ ତୁଗଲକମାନେ କ୍ଷମତାସୀନ ହେଲେ । ଏତିକି ବେଳକୁ ସୁଲତାନୀ ସାମ୍ରାଜ୍ୟ ଅଶାନ୍ତ ରାଜନୀତିକ ସ୍ଥିତିରେ ସଢୁଥିଲା ଏବଂ ନୂତନ ଶାସକଙ୍କ ତୁରନ୍ତ ପଦକ୍ଷେପର ଆବଶ୍ୟକତା ଥିଲା । ବାହ୍ୟ ପ୍ରଦେଶଗୁଡ଼ିକ ସ୍ୱାଧୀନତା ଘୋଷଣା କରିସାରିଥିଲେ । ସୁଲତାନଙ୍କ ନିୟନ୍ତ୍ରଣ କେବଳ କେନ୍ଦ୍ରସ୍ଥଳରେ ସଙ୍କୁଚିତ ହୋଇ ରହିଥିଲା । ପ୍ରାଶାସନିକ କଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ରାଜକୋଷର ପୂର୍ଣ୍ଣ ଅବକ୍ଷୟ ଘଟିଥିଲା । ଗିୟାସୁଦ୍ଦିନଙ୍କ ପ୍ରଥମ କାମ ଥିଲା ରାଜକୋଷ ଓ ପ୍ରଶାସନର ପୁନରୁଦ୍ଧାର । ଏହା ପରେ ତାଙ୍କ ଦୃଷ୍ଟିକୁ ଆସିଲା ବାହ୍ୟ ପ୍ରଦେଶଗୁଡ଼ିକରେ ସୁଲତାନୀ ସାମ୍ରାଜ୍ୟର ହୃତ୍‌ଗୌରବ ଓ କର୍ତ୍ତୃତ୍ୱର ପୁନଃସ୍ଥାପନ ।

### ୨.୮.୧ ଦକ୍ଷିଣ

ଦାକ୍ଷିଣାତ୍ୟର ରାଜନୀତିକ ସ୍ଥିତି କୌଣସି ମତେ ଭରସାଯୋଗ୍ୟ ନ ଥିଲା । ଦକ୍ଷିଣୀ ଶାସକଙ୍କ ଦ୍ୱାରା ଆଲାଉଦ୍ଦିନଙ୍କ ସାର୍ବଭୌମତ୍ୱ ସ୍ୱୀକାର ଓ ଆନୁଗତ୍ୟ ପାଇଁ ପ୍ରତିଜ୍ଞା ଥିଲା ନାମକୁ ମାତ୍ର । ଦେବଗିରି ଓ ତେଲିଙ୍ଗାନାରେ ସାମ୍ରାଜ୍ୟବାଦୀ କର୍ତ୍ତୃତ୍ୱର ପୁନଃପ୍ରବର୍ତ୍ତନ ପାଇଁ ତାଜା ସାମରିକ ଅଭିଯାନର ନିଶ୍ଚିତ ଆବଶ୍ୟକତା ରହିଥିଲା । ମୁବାରକ ଖାଲଜିଙ୍କ ଦ୍ୱାରା ସୁଲତାନୀ ସାମ୍ରାଜ୍ୟରେ ଦେବଗିରିର ବିଲୟ ପୂର୍ବରୁ ଆଲୋଚିତ ହୋଇଛି । କିନ୍ତୁ ଦେବଗିରି ସେପାରି ଦକ୍ଷିଣ ରାଜ୍ୟମାନଙ୍କରେ ସାମ୍ରାଜ୍ୟବାଦୀ କର୍ତ୍ତୃତ୍ୱର ଯାହା ବା ଅବଶେଷ ଥିଲା ତାର ମୂଳୋତ୍ପାଟନ ଘଟିସାରିଥିଲା । ତେଲିଙ୍ଗାନା ତେଣୁ ଗିୟାସୁଦ୍ଦିନଙ୍କ ତତ୍କାଳ ଦୃଷ୍ଟି ଆକର୍ଷଣ କଲା ।

ଖ୍ରୀ. ୧୩୨୧ରେ ଉଲୁଘ ଖାଁ (ପରେ ମହମ୍ମଦ ତୁଗଲକ) ଏକ ବିଶାଳ ବାହିନୀ ସହ ଦକ୍ଷିଣ ଅଭିମୁଖେ ବାହାରିଲେ । ରାସ୍ତାରେ ବିଶେଷ ପ୍ରତିରୋଧ ବିନା ସେ ୱାରାଙ୍ଗଲରେ ପହଞ୍ଚିଲେ । ଚାରି

ପାଞ୍ଚ ମାସ ଲେଖାଏଁ ଦୁଇଟି ଅବରୋଧ ପରେ ପରିଶେଷରେ ରାଜା ରୁଦ୍ରଦେବ ଆତ୍ମସମର୍ପଣ ପାଇଁ ନିଷ୍ପତ୍ତି ନେଲେ । ଏଥର କିନ୍ତୁ ଉଦ୍ଦଣ୍ଡକୁ କ୍ଷମା ନ ଥିଲା । ଦୁର୍ଗ ଅଧିକୃତ ହୋଇ ଲୁଟର ସମ୍ମୁଖୀନ ହେଲା; କେତେକାଂଶରେ ଭଙ୍ଗାରୁଜା କରାଗଲା । ରାଜାଙ୍କୁ ବନ୍ଦୀ କରି କଡା ପ୍ରହରାରେ ଦିଲ୍ଲୀ ନିଆଗଲା । ୱାରାଙ୍ଗଲକୁ ସୁଲତାନଙ୍କ ପ୍ରତ୍ୟକ୍ଷ ଶାସନରେ ମିଶାଇ ଦିଆଗଲା ।

ସେଇ ନୀତି ଅନୁସରଣ କରି ଉଲୁଘ ଖାଁ ମା'ବାରକୁ ନିଜ ଅଧୀନକୁ ଆଣିଲେ ଓ ସେଠାରେ ସୁଲତାନଙ୍କ ପ୍ରତ୍ୟକ୍ଷ ଶାସନ ପ୍ରତିଷ୍ଠା କଲେ । ଏହିପରି ଦକ୍ଷିଣାଞ୍ଚଳ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଅଂଶ ବିଶେଷ ହେଲା । ଏହାକୁ ଅନେକ ପ୍ରାଶାସନିକ ଏକକରେ ବିଭକ୍ତ କରାଗଲା । ପ୍ରଶାସନରେ ସ୍ଥାନୀୟ ଲୋକଙ୍କୁ ଯଥେଷ୍ଟ ନିଯୁକ୍ତି ଦିଆଗଲା । ବିଜିତଙ୍କ ବିରୋଧରେ ବର୍ବରତାକୁ ନିଷିଦ୍ଧ କରାଗଲା ।

### ୨.୮.୨ ପୂର୍ବ ଭାରତ

ଭାରତର ପୂର୍ବାଞ୍ଚଳରେ ଅଭିଯାନ ଥିଲା ଦକ୍ଷିଣରେ ଘଟିଥିବା ଯୁଦ୍ଧର ପରିଣାମ । ୱାରାଙ୍ଗଲର ରାଜା ରୁଦ୍ରଦେବଙ୍କ ବିରୋଧରେ ସୁଲତାନୀ ଆକ୍ରମଣ କାଳରେ ଓଡ଼ିଶାର ଯାଜନଗରର ରାଜା ଭାନୁଦେବ ୨ୟ ରୁଦ୍ରଦେବଙ୍କୁ ସମର୍ଥନ କରିଥିଲେ । ଅତଏବ ଉଲୁଘ ଖାଁ ୱାରାଙ୍ଗଲକୁ ପରାସ୍ତ କରିବା ପରେ ଖ୍ରୀ. ୧୩୨୪ର ମଧ୍ୟଭାଗରେ ଯାଜନଗର ବିରୋଧରେ ଅଭିଯାନ ଚଳାଇଲେ । ଭୟଙ୍କର ଯୁଦ୍ଧରେ ଉଲୁଘ ଖାଁ ବିଜୟୀ ହେଲେ । ସେ ଶତ୍ରୁ ଶିବିରରୁ ପ୍ରବଳ ଲୁଟ କଲେ । ଯାଜନଗରର ବିଲୟ ଘଟିଲା । ଏହା ସୁଲତାନୀ ସାମ୍ରାଜ୍ୟର ଅଂଶରେ ପରିଣତ ହେଲା ।

ପୂର୍ବର ଆଉ ଏକ ରାଜ୍ୟ ଥିଲା ବଂଗଳା । ଚିରକାଳ ଏହା ଥିଲା ବିଦ୍ରୋହର ତପ୍ତଶଯ୍ୟା । ଏହାର ଶାସକମାନେ ସ୍ୱାଧୀନତା ଜାହିର କରିବାର କୌଣସି ସୁଯୋଗ ହାତଛଡ଼ା କରୁ ନ ଥିଲେ । ଖ୍ରୀ. ୧୩୨୩-୨୪ରେ ସ୍ୱାଧୀନ ରାଜ୍ୟ ଲକ୍ଷ୍ନୌତିର ଶାସକ ଫିରୋଜ ଶାହଙ୍କ ମୃତ୍ୟୁ ପରେ ଏକ ଭ୍ରାତୃଯୁଦ୍ଧ ଆରମ୍ଭ ହେଲା । ଲକ୍ଷ୍ନୌତିର କିଛି ଅଭିଜାତ ସାହାଯ୍ୟ ମାଗି ଗିୟାସୁଦ୍ଦିନଙ୍କ ଦ୍ୱାରସ୍ଥ ହେଲେ । ପ୍ରତିକ୍ରିୟାରେ ଗିୟାସୁଦ୍ଦିନ ନିଜେ ବଂଗଳା ଅଭିଯାନରେ ବାହାରିଲେ । ତିରହୁତରେ ପହଞ୍ଚିବା ପରେ ବହରମ ଖାଁଙ୍କ ସମେତ କେତେକ ଅଧିକାରୀଙ୍କୁ ସେ ଲକ୍ଷ୍ନୌତି ଅଭିଯାନରେ ପ୍ରେରଣ କଲେ । ଉଭୟ

ପକ୍ଷ ଲକ୍ଷ୍ମୌତି ନିକଟରେ ମୁହାଁମୁହିଁ ହେଲେ । ଯୁଦ୍ଧରେ ଦିଲ୍ଲୀ ବାହିନୀ ବଂଗ ବାହିନୀକୁ ସହଜରେ ପରାସ୍ତ କରି କିଛି ଦୂର ପଶ୍ଚାଦ୍ଧାବନ କଲେ । ନାସିରୁଦ୍ଦିନଙ୍କ ନେତୃତ୍ୱାଧୀନ ଯୁଧମାନ ଗୋଷ୍ଠୀକୁ ଲକ୍ଷ୍ମୌତିର ସାମନ୍ତ ରୂପେ ସ୍ୱୀକାର କରାଗଲା ।

**୨.୮.୩ ଉତ୍ତରପଶ୍ଚିମ ଓ ଉତ୍ତର**

ଆଲାଉଦ୍ଦିନଙ୍କ ମୁଲତାନ ଅଭିଯାନ ପରେ ଉତ୍ତରପଶ୍ଚିମ ସୀମାନ୍ତକୁ ବିଶେଷ ଦୃଷ୍ଟି ଦିଆଯାଇ ପାରି ନ ଥିଲା । ପରବର୍ତ୍ତୀ ସୁଲତାନମାନେ ଦକ୍ଷିଣ ଓ ଗୁଜରାଟ ବ୍ୟାପାରରେ ବିଶେଷ ବ୍ୟସ୍ତ ରହିଲେ । ମହମ୍ମଦ ତୋଗଲକଙ୍କ ସିଂହାସନ ଆରୋହଣ ପରେ ଉତ୍ତରପଶ୍ଚିମ ସୀମାନ୍ତକୁ ପୁଣି ଦୃଷ୍ଟି ଦିଆଗଲା । ସିଂହାସନ ଆରୋହଣର ସ୍ୱଳ୍ପ ବ୍ୟବଧାନରେ ମହମ୍ମଦ ତୁଗଲକ କଲନୌର ଓ ପେଶବାର ଅଭିଯାନର ନେତୃତ୍ୱ ନେଲେ । ସମ୍ଭବତଃ ଏହା ଥିଲା ତର୍ମାସିରିନ ଖାଁଙ୍କ ନେତୃତ୍ୱରେ ଖ୍ରୀ. ୧୩୨୬-୨୭ରେ ମଙ୍ଗୋଲ ଆକ୍ରମଣର ପରିଣାମ । ଏହାର ଉଦ୍ଦେଶ୍ୟ ଥିଲା ଭବିଷ୍ୟତର ମଙ୍ଗୋଲ ଉପଦ୍ରବରୁ ସୁଲତାନୀ ସାମ୍ରାଜ୍ୟର ଉତ୍ତରପଶ୍ଚିମ ସୀମାନ୍ତର ସୁରକ୍ଷା । କଲନୌର ଯିବା ରାସ୍ତାରେ ସୁଲତାନ ଲାହୋରରେ ଅଟକିଗଲେ; କିନ୍ତୁ ତାଙ୍କ ବାହିନୀକୁ କଲନୌର ଓ ପେଶବାର ଜୟ ପାଇଁ ଆଦେଶ ଦେଲେ । ବିଶେଷ କଠିନତା ବିନା କାର୍ଯ୍ୟଟି ସମ୍ପାଦିତ ହେଲା । ନୂତନ ବିଜିତ ଅଞ୍ଚଳର ପ୍ରାଶାସନିକ ବନ୍ଦୋବସ୍ତ କରି ସୁଲତାନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ।

ଖ୍ରୀ. ୧୩୩୨ରେ ସୁଲତାନ ମହମ୍ମଦ ତୁଗଲକ କାରଛିଲ ଅଞ୍ଚଳ (ଆଧୁନିକ ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାନ୍ତର୍ଗତ କୁଲୁ ରୂପେ ଚିହ୍ନିତ) ଜୟ ପାଇଁ ଯୋଜନା କଲେ । ଏହା ଥିଲା ଉତ୍ତର ଓ ଉତ୍ତରପଶ୍ଚିମ ସୀମାନ୍ତ ଦୃଢ଼ୀକରଣ ଯୋଜନାର ଅଂଶ ବିଶେଷ । ଏ ଉଦ୍ଦେଶ୍ୟରେ ସେ ଖୁସ୍ରୁ ମାଲିକଙ୍କ ଅଧୀନରେ ଏକ ବିଶାଳ ସେନା ପ୍ରେରଣ କଲେ । ସେନାବାହିନୀ କାରଛିଲ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଜିଦ୍ୟା ଦଖଲ କଲେ । କିନ୍ତୁ ସେମାନଙ୍କୁ ଫେରିବାକୁ ନିର୍ଦ୍ଦେଶ ଦିଆଗଲା । ତେବେ ଅତ୍ୟୁତ୍ସାହୀ ଖୁସ୍ରୁ ମାଲିକ ସୁଲତାନଙ୍କ ନିର୍ଦ୍ଦେଶ ଉଲ୍ଲଙ୍ଘନ କରି ତିବ୍ବତ ଆଡ଼କୁ ଅଗ୍ରସର ହେଲେ । ବର୍ଷା କାଳ ଖୁବ୍ ଶୀଘ୍ର ଆସିଲା । ସୈନ୍ୟବାହିନୀ ରୋଗ ଓ ଭୟର ଶିକାର ହେଲା ।  ବିପର୍ଯ୍ୟୟ ଏଭଳି ଥିଲା ଯେ

ମାତ୍ର ତିନି ଜଣ ସୈନିକ ଦୁର୍ଭାଗ୍ୟ ବର୍ଣ୍ଣନା କରିବାକୁ ଫେରିଲେ । କାରଛିଲ ଅଭିଯାନ ଦ୍ୱାରା ଉଭୟ ସଂସାଧନ ଓ ମହମ୍ମଦ ତୁଗଲକଙ୍କ କର୍ତ୍ତୃତ୍ୱର ଭୟଙ୍କର ଅବକ୍ଷୟ ଘଟିଲା ।

କାରଛିଲ ଅଭିଯାନର ସାମାନ୍ୟ ପୂର୍ବରୁ ମହମ୍ମଦ ତୁଗଲକ ଖୁରାସାନ ବିଜୟ ପାଇଁ ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଉଦ୍ଦେଶ୍ୟରେ ୩,୭୦,୦୦୦ ସୈନ୍ୟଙ୍କର ଏକ ବିଶାଳ ବାହିନୀକୁ ନିଯୁକ୍ତି ଦିଆଯାଇ ସେମାନଙ୍କୁ ବର୍ଷକର ଦରମା ଅଗ୍ରିମ ପ୍ରଦାନ କରାଯାଇ ଥିଲା । ସୈନ୍ୟବାହିନୀ ପାଇଁ ମହାର୍ଘ ସରଞ୍ଜାମ କିଣିବାରେ ବହୁ ଅର୍ଥ ବିନିଯୁକ୍ତ ହୋଇଥିଲା । ପରେ କିନ୍ତୁ ଅବାସ୍ତବ ମନେକରି ପରିଯୋଜନାଟିକୁ ପ୍ରତ୍ୟାହାର କରାଗଲା ଏବଂ ସେନାବାହିନୀକୁ ଭାଙ୍ଗି ଦିଆଗଲା । ଏଥିରେ ଭୟଙ୍କର ଆର୍ଥିକ କ୍ଷତି ହେଲା । ସୁଲତାନଙ୍କ କର୍ତ୍ତୃତ୍ୱରେ ମଧ୍ୟ ଖୁବ୍ ଆଞ୍ଚ ଆସିଲା । ଗୋଟିଏ ପରେ ଗୋଟିଏ ବିଦ୍ରୋହର ଲମ୍ବା ଧାଡ଼ି ଲାଗିଲା । ଫଳରେ ଦିଲ୍ଲୀ ସୁଲତାନୀ ଶାସନର ସର୍ବାଧିକ ବିସ୍ତୃତ ସାମ୍ରାଜ୍ୟଟି ଫମ୍ପା ହୋଇଗଲା ।




**ମହମ୍ମଦ-ବିନ ତୁଗଲକଙ୍କ ସାମ୍ରାଜ୍ୟ (ଖ୍ରୀ. ୧୩୨୧-୧୩୫୧)**

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଦାକ୍ଷିଣାତ୍ୟ ଓ ସୁଦୂର ଦକ୍ଷିଣସ୍ଥ ରାଜ୍ୟଗୁଡ଼ିକ ପ୍ରତି ଆଲାଉଦ୍ଦିନଙ୍କ ନୀତି ବୁଝାଇ ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** କାରଛିଲ ଅଭିଯାନ ଏକ ଦୁର୍ବିପାକ ଥିଲା କାହିଁକି ?

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୨.୯ ସାରାଂଶ

ଏଇ ଏକକଟି ତୁର୍କ ଆକ୍ରମଣର ଠିକ ପୂର୍ବବର୍ତ୍ତୀ ଭାରତୀୟ ରାଜନୀତିକ ଦୃଶ୍ୟପଟର ବର୍ଣ୍ଣନାରୁ ଆରମ୍ଭ ହେଲା । ଭାରତ ଗୋଟିଏ ଏକୀକୃତ ରାଜନୀତିକ ଏକକ ନ ଥାଇ ରାଜା ଓ ସ୍ୱୟଂଶାସିତ ମୁଖିଆମାନଙ୍କ ଶାସନାଧୀନ ବହୁ ସଂଖ୍ୟକ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଥିଲା । ମହମ୍ମଦ ଘୋରୀ ସେମାନଙ୍କୁ ପରାଭୂତ କରିବା ପାଇଁ ପ୍ରୟାସ କରିଥିଲେ । ତିରୋରୀ ଯୁଦ୍ଧରେ ପୃଥ୍ୱିରାଜ ଚୌହାନଙ୍କ ପରାଜୟ ଥିଲା ଏହାର ଚରମବିନ୍ଦୁ । ଏହା ଭାରତରେ ତୁର୍କ ଶାସନର ଭିତ୍ତି ସ୍ଥାପନ କରିଥିଲା । ତତ୍ ପରବର୍ତ୍ତୀ ଅର୍ଦ୍ଧ ଶତାବ୍ଦୀରେ ଦିଲ୍ଲୀ ସୁଲତାନମାନଙ୍କ ସକଳ ପ୍ରଚେଷ୍ଟା ସୁଲତାନୀ ଶାସନର ଆର୍ଥିକ ଓ ପ୍ରଶାସନିକ ଆଧାରକୁ ମଜବୁତ କରି ପୂର୍ବବର୍ତ୍ତୀ ଆଞ୍ଚଳିକ ପ୍ରାପ୍ତିର ଦୃଢ଼ୀକରଣ ଦିଗରେ ଉଦ୍ଦିଷ୍ଟ ଥିଲା ।

ଆଞ୍ଚଳିକ ବିସ୍ତାରର ପରବର୍ତ୍ତୀ ପର୍ଯ୍ୟାୟ ତେଣୁ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭ ସହ ଖାଲଜି ଓ ତୁଗଲକମାନଙ୍କ ଅଧୀନରେ ଆରମ୍ଭ ହେଲା ।

## ୨.୧୦ ସୂଚକ ଶବ୍ଦାବଳୀ

**ଲୁଟ:** ଯୁଦ୍ଧରେ ଶତ୍ରୁଠାରୁ ହୃତ ଦ୍ରବ୍ୟ ।

**ଜହର ବ୍ରତ:** ଶତ୍ରୁଠାରୁ ଆସନ୍ନ ପରାଜୟ ଆଶଙ୍କାରେ କେତେକ ହିନ୍ଦୁ ରାଜ୍ୟରେ ପ୍ରଚଳିତ ମହିଳାମାନଙ୍କ ସମୂହ ଆତ୍ମଦାହ ପ୍ରଥା ।

**ବର୍ବରତା:** ସର୍ବସାଧାରଣ ଓ ବ୍ୟକ୍ତିଗତ ସମ୍ପଦର ବିଧ୍ୱଂସୀକରଣ ।

## ୨.୧୧ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୨.୩ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୨.୩ ଦେଖନ୍ତୁ ।

**ପ୍ରଗତି ପରୀକ୍ଷଣ-୨**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୨.୭.୩ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୨.୮.୩ ଦେଖନ୍ତୁ ।

## ୨.୧୨ ପରବର୍ତ୍ତୀ ପଠନ

1. Barani, Ziauddin, (2015), *Tarikh- Firoz Shahi*, eng. tr. Ishtiyaq Ahmad Zilli (New Delhi: Primus Books).

2. Chattopadhyaya, D.P. (2011). *History of Science, Philosophy and Culture in Indian Civilization in Vol III, Part I, Economic History of Medieval India, 1200-1500. Delhi*. India: Pearson Longman.

3. Maiti, P., and Saha, P.K. (2000). *Medieval India (1206 A.D.-1707 A.D.)*. Calcutta, India: Sreedhar Publishers.

4. Mehta, J.L. (1986). *Advanced Study in the History of Medieval India, Vol-I and III*. New Delhi: Sterling Publisher Pvt. Ltd.

5. Naqvi, Hamida Khatoon, (1986) *Agricultural, Industrial and Urban Dynamics under the Delhi Sultans – 1206-1555* (New Delhi: Munshiram Manoharlal Publishers).

6. Salma, A. F. (2011). *A Comprehensive History of Medieval India: From the twelfth to the Mid-Eighteenth Century*. Delhi, India: Dorling Kindersley (India) Pvt. Ltd.

7. Siddiqui, I.H., (2011, reprint) *Delhi Sultanate: Urbanization and Social Change* (New Delhi: Viva Books).

8. Singh, V. (2009). *Interpreting Medieval India Vol. I. Early Medieval Delhi Sultanate and Regions (circa 750-1550)*. New Delhi, India: MacMillan.

9. Verma, H.C., (1986) *Dynamics of Urban Life in Pre-Mughal India* (New Delhi: Munshiram Manoharlal).

# ତୃତୀୟ ଏକକ: ରାଜ ସିଦ୍ଧାନ୍ତ:

# ଶାସକ ଶିଷ୍ଟ: ଉଲେମା, ସୁଫି ଓ ସାମ୍ରାଜ୍ୟ ସ୍ମାରକ

**ବିଷୟ ଗଠନ:**


୩.୦ ପଠନର ଉଦ୍ଦେଶ୍ୟ

୩.୧ ଉପକ୍ରମ

୩.୨ ଅଭିଜାତତନ୍ତ୍ର

୩.୩ *ଉଲେମା* ଏବଂ ରାଜନୀତିକ, ସାମାଜିକ ଓ ଧାର୍ମିକ କ୍ଷେତ୍ରର ବିଦ୍ୱାନ

୩.୪ ସୁଫିଗଣ

୩.୫ ସାମ୍ରାଜ୍ୟ ସ୍ମାରକ

୩.୬ ସାରାଂଶ

୩.୭ ସୂଚକ ଶବ୍ଦାବଳୀ

୩.୮ ପ୍ରଗତି ପରିମାପକ ଉତ୍ତର

୩.୯ ପରବର୍ତ୍ତୀ ପଠନ


## ୩.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ସୁଲତାନୀ ଶାସନର ବିଭିନ୍ନ ଶାସକଙ୍କ ଅଧୀନରେ ରାଜପଣର ପରିବର୍ତ୍ତନଶୀଳ ସ୍ୱରୂପ
- ରାଷ୍ଟ୍ରୀୟ ବ୍ୟାପାରରେ ଅଭିଜାତ, ଉଲେମା ଓ ସୁଫିମାନଙ୍କ ଭୂମିକା
- ଦିଲ୍ଲୀର ସୁଲତାନୀ ଶାସନ କାଳରେ ନିର୍ମିତ ସାମ୍ରାଜ୍ୟ ସ୍ମାରକ ସମୂହ

## ୩.୧ ଉପକ୍ରମ

ଦିଲ୍ଲୀ ସୁଲତାନୀ ଶାସନର ରାଜପଣର ଆଦର୍ଶ ଇସଲାମୀୟ ଜଗତରୁ ବ୍ୟୁତ୍ପନ୍ନ । ଏଥିରେ ଶାସକ ନିଜ ପାଇଁ ଦିବ୍ୟ ଉତ୍ପତ୍ତି ଦାବୀ କରୁଥିଲେ । ସେ ଥିଲେ ଭଗବଦ୍ ପ୍ରତିନିଧି । ଅତଏବ ତାଙ୍କୁ ମାନିବା ଓ ବହୁମାନ କରିବା ଥିଲା ଅପରିହାର୍ଯ୍ୟ । ଇଲତୁତମିସଙ୍କ ଶାସନ କାଳରେ ସୁଲତାନଙ୍କ ସ୍ଥିତି ଜଣେ ଗୌରବାନ୍ୱିତ ଅଭିଜାତଙ୍କ ଠାରୁ ବିଶେଷ ଅଧିକ ବିବେଚିତ ହେଉ ନ ଥିଲା । ସେ ଉଚ୍ଚ ତୁର୍କ ଅଭିଜାତମାନଙ୍କୁ ଆପଣା ସମସ୍କନ୍ଧ ଭଳି ବ୍ୟବହାର କରୁଥିଲେ ଏବଂ ସିଂହାସନରେ ଉପବେଶନ କରିବାକୁ ସଙ୍କୋଚ ପ୍ରକଟ କରୁଥିଲେ । ତେବେ ବଲବନ ଏହାର ଭୟଙ୍କର ତାତ୍ପର୍ଯ୍ୟ ସମ୍ବନ୍ଧରେ ପୂର୍ଣ୍ଣ ସଚେତନ ଥିଲେ । ତାଙ୍କୁ ତେଣୁ ରାଜତନ୍ତ୍ରକୁ ଅଭିଜାତତନ୍ତ୍ର ଠାରୁ ଉଚ୍ଚ ସ୍ତରରେ ଅବସ୍ଥାପନ କରାଇବାକୁ ପଡ଼ିଥିଲା । ସେ ନିଜକୁ ମର୍ତ୍ତ୍ୟରେ ଭଗବଦ୍ ଛାୟା ଏବଂ ଐଶ୍ୱରିକ ପ୍ରତିନିଧି ରୂପେ ଘୋଷଣା କରିଥିଲେ । ରାଜ ହୃଦୟ ଦିବ୍ୟ ଗୁଣାବଳୀର ମୁକୁର ଥିବା ସେ ବିଶ୍ୱାସ କରୁଥିଲେ ।

ଆଲାଉଦ୍ଦିନ ଖାଲଜି ମଧ୍ୟ ସମାନ ଆଦର୍ଶ ଅନୁସରଣ କରୁଥିଲେ । ସେ ପୁଣି ଅନ୍ୟତମ ପୈଗମ୍ବର ହୋଇଥିବାର ସ୍ୱପ୍ନ ଦେଖୁଥିଲେ । କିନ୍ତୁ ତାଙ୍କ ଉପଦେଷ୍ଟାମାନେ ତାଙ୍କୁ ପ୍ରକୃତିସ୍ଥ କରାଇଥିଲେ । ତଥାପି ସେ *ସିକନ୍ଦର-ଇ-ସାନି* (ଦ୍ୱିତୀୟ ସିକନ୍ଦର) ଉପାଧି ଧାରଣ କରିଥିଲେ ଏବଂ *ଉଲେମା*ମାନଙ୍କୁ ସ୍ୱୀୟ ନିଷ୍ପତ୍ତି ଗ୍ରହଣର ପରିଧିରୁ ଦୂରେଇ ରଖିଥିଲେ ।

ତେବେ ଗିୟାସୁଦ୍ଦିନ ତୁଗଲକ ଏ ଧାରାକୁ ନରମ କରିଦେଇ ଥିଲେ । *ଉଲେମା*ମାନଙ୍କ ପ୍ରତି ସେ ଥିଲେ କୋମଳ ଏବଂ ଅଭିଜାତମାନଙ୍କ ପ୍ରତି ଅତ୍ୟନ୍ତ ସାମାଜିକ । ଫିରୋଜ ସାହଙ୍କ ଦ୍ୱାରା ଏ ଧାରା ବିପରୀତମୁଖୀ ହୋଇଗଲା । ସେ ଉଲେମାମାନଙ୍କ କଠୋର ଦିଗ୍‌ଦର୍ଶନରେ କାର୍ଯ୍ୟ କରୁଥିଲେ ଏବଂ ରାଜତନ୍ତ୍ରକୁ ଦୁର୍ବଳ କରିଦେଲେ । ଲୋଦିମାନଙ୍କ ଅଧୀନରେ ରାଜପଣ ଜାତିବାଦୀ ଆଧାର ଧାରଣ କଲା । ସେମାନେ ନିଜ ଜାତିର ଉତ୍କର୍ଷରେ ବିଶ୍ୱାସ କରୁଥିଲେ । ଏହା ସୁଲତାନଙ୍କ ଗୌରବକୁ ନିମ୍ନମୁଖୀ କରିଦେଲା । ସୁଲତାନ ଥିଲେ ଜଣେ ସ୍ୱେଚ୍ଛାଚାରୀ । କୌଣସି ଆଇନରେ ସେ ବନ୍ଧା ନ ଥିଲେ । ସେ ମନ୍ତ୍ରୀ ବା ଅପର କୌଣସି ନିରୋଧର ଅଧୀନ ନ ଥିଲେ । ଜନତାଙ୍କର କୌଣସି ଅଧିକାର ନ ଥିଲା; କେବଳ କର୍ତ୍ତବ୍ୟ ରହିଥିଲା । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରଭାବ ସମ୍ପନ୍ନ କେବଳ ଦୁଇଟି ଚାପ ଗୋଷ୍ଠୀ ରହିଥିଲା । ଗୋଟିଏ ଅଭିଜାତତନ୍ତ୍ର ଏବଂ ଅପରଟି *ଉଲେମା* ।

## ୩.୨ ଅଭିଜାତତନ୍ତ୍ର

କୁତବୁଦ୍ଦିନ ବିନା ସଂଘର୍ଷରେ ସିଂହାସନ ଆରୋହଣ କଲେ । କାରଣ ଘୋରୀ ଶାସକ ମୁଇଜୁଦ୍ଦିନଙ୍କ ମୁଇଜି ଅଭିଜାତମାନେ ତାଙ୍କୁ ମୁଖିଆ ମାନି ଆନୁଗତ୍ୟ ପ୍ରକଟ କଲେ । ଇଲତୁତମିସଙ୍କ ଦିଲ୍ଲୀ ସିଂହାସନ ଆରୋହଣ ଭାରତ ବର୍ଷରେ ତୁର୍କ ଅଭିଜାତତନ୍ତ୍ରର ବିକାଶରେ ଏକ ବିଶିଷ୍ଟ ଘଟଣା । ଏହା ବାହୁ ବଳରେ ଅଭିଜାତମାନଙ୍କ ନେତୃତ୍ୱ ଚୟନ ସାମର୍ଥ୍ୟକୁ ପ୍ରତିଫଳିତ କରେ । ବର୍ତ୍ତମାନ ନେତୃତ୍ୱ ଓ ସାର୍ବଭୌମତ୍ୱର ସୂତ୍ର ରୂପେ ଆନୁବଂଶିକତା ଓ ମନୋନୟନ ପଛକୁ ହଟିଗଲା । ଦିଲ୍ଲୀର ଅଭିଜାତବର୍ଗ ଶାସକ ଚୟନରେ ପ୍ରାଧାନ୍ୟ ବିସ୍ତାର କଲେ ଏବଂ ଦିଲ୍ଲୀ ତୁର୍କ ଶାସନର ରାଜନୀତିକ କ୍ରିୟାକଳାପର ପେଣ୍ଠ ହୋଇଗଲା । ଭାରତରେ ଏକ ସାର୍ବଭୌମ ତୁର୍କ ରାଷ୍ଟ୍ର ପ୍ରତିଷ୍ଠାର ଶ୍ରେୟ ଇଲତୁତମିସଙ୍କର । ତତ୍କାଳୀନ ଅଭିଜାତତନ୍ତ୍ରରେ କ୍ରୀତଦାସ ହେଲେ ସୁଦ୍ଧା ଯୋଗ୍ୟତା ଓ ସାମର୍ଥ୍ୟରେ ଭରପୂର ବହୁ ଦକ୍ଷ ପ୍ରଶାସକ ଥିଲେ । ଇଲତୁତମିସଙ୍କ ପରେ ରୁକନୁଦ୍ଦିନ ଫିରୋଜ, ରାଜିୟା ଓ ବହରମ ଶାହଙ୍କ ସିଂହାସନ ଆରୋହଣରେ ଆନୁବଂଶିକ ସୂତ୍ର ପୁଣି ମୁଣ୍ଡ ଟେକିଲା । ଏ ପର୍ଯ୍ୟାୟରେ ତୁର୍କ ଓ ତାଜିକ (ଆରବୀ ଓ ପାର୍ସୀ) ଅଭିଜାତମାନଙ୍କ ସଂଘର୍ଷ ତୀବ୍ର ହେଲା । ଇଲତୁତମିସଙ୍କ ମୃତ୍ୟୁ (ଖ୍ରୀ.୧୨୩୫) ପରେ ବଲବନଙ୍କ ସିଂହାସନ ଆରୋହଣ (ଖ୍ରୀ.୧୨୬୬) ପର୍ଯ୍ୟନ୍ତ ଚିହଲଗାନୀ କ୍ରୀତଦାସମାନେ(ବଲବନଙ୍କ ସମେତ ୪୦ ଜଣିଆ ଅଭିଜାତ ଗୋଷ୍ଠୀ) ଉତ୍ତରାଧିକାରୀ ନିରୂପଣ କରୁଥିଲେ । ବଲବନ ତୁର୍କ ଅଭିଜାତତନ୍ତ୍ରର କ୍ଷମତା ବିଦଳିତ କରି ସୁଲତାନଙ୍କ ଆଧିପତ୍ୟ ପୁନଃପ୍ରତିଷ୍ଠା ପାଇଁ ପ୍ରୟାସ କରିଥିଲେ । ବଲବନଙ୍କ ସିଂହାସନ ଆରୋହଣ ପ୍ରମାଣ କଲା ଯେ ଆନୁବଂଶିକ ସୂତ୍ର ଅପ୍ରାସଙ୍ଗିକ । ଉଭୟ କୁତବୁଦ୍ଦିନ ଓ ଇଲତୁତମିସ ଅଭିଜାତମାନଙ୍କୁ ନିଜ ସହ ସମାନ ବିଚାର କରୁଥିଲେ । ବଲବନ ଏଥିରୁ ଅପସରି ଗଲେ । ସେ ଅଭିଜାତତନ୍ତ୍ରଠାରୁ ଦୂରତ୍ୱ ରକ୍ଷା କଲେ ଏବଂ ରାଜପଣର ଦିବ୍ୟତ୍ୱରେ ବିଶ୍ୱାସୀ ଥିଲେ । ସେ ତାଙ୍କ ବଂଶକ୍ରମର ଅନୁରେଖ ପୌରାଣିକ ରାଜା ଆଜମ(ଅଣଆରବ ଭୂମି)ର ଅଫ୍ରସିୟାବଙ୍କଠାରୁ ଦେଖାଉଥିଲେ । ବଲବନ ସାମସୀ (ସାମସୁଦ୍ଦିନ ଇଲତୁତମିସ) ଅଭିଜାତଙ୍କ କ୍ଷମତା ଖର୍ବ କରିବାକୁ ପ୍ରୟାସ କରିଥିଲେ । ଜଲାଲୁଦ୍ଦିନ ଖାଲଜି(ଖ୍ରୀ. ୧୨୯୦)ଙ୍କ ସିଂହାସନ ଆରୋହଣ ପ୍ରମାଣିତ କଲା ଯେ ସାର୍ବଭୌମତ୍ୱ ଓ ରାଜପଣର

ଭିତ୍ତି ସର୍ବଦା ଆନୁବଂଶିକ ନୁହେଁ; ସିଂହାସନର ଉତ୍ତରାଧିକାରରେ ଶକ୍ତି ଓ ସାମର୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରକ ।

ଖାଲଜି ଓ ତୁଗଲକମାନଙ୍କ ଶାସନ କାଳରେ ଅଭିଜାତତନ୍ତ୍ରର ଦ୍ୱାର ବିବିଧ ପୃଷ୍ଠଭୂମିର ଲୋକଙ୍କ ପାଇଁ ଉନ୍ମୁକ୍ତ ଥିଲା । ଏହା ଆଉ କେବଳ ତୁର୍କଙ୍କ ପରିରକ୍ଷିତ ଭୂମି ନ ଥିଲା । ମହମ୍ମଦ ହବିବଙ୍କ ମତରେ *ଦାସରାଜାମାନଙ୍କ ସମୟରେ ଉଚ୍ଚ ଅମଲାତନ୍ତ୍ରର ସଦସ୍ୟତା ଭାରତୀୟ ମୁସଲମାନମାନଙ୍କ ପାଇଁ ଥିଲା ବିପଦସଙ୍କୁଳ ଏବଂ ହିନ୍ଦୁମାନଙ୍କ ପାଇଁ ଅସମ୍ଭବ । କିନ୍ତୁ ଖାଲଜି ବିପ୍ଲବ ଏଥିରେ ପରିବର୍ତ୍ତନ ଆଣିଲା । ଅମିର ଖୁସ୍ରୁ ତାଙ୍କ ଖଜୈନ-ଉଲ-ଫୁତୁରେ ଆମକୁ କହନ୍ତି ଯେ ସୁଲତାନ ଆଲାଉଦ୍ଦିନ ଜଣେ ହିନ୍ଦୁ ଅଧିକାରୀ ଅଖୁର-ବେକ ମୈସରା ମାଲିକ ନାୟକଙ୍କ ଅଧୀନରେ ତିରିଶି ହଜାର ଅଶ୍ୱାରୋହୀଙ୍କ ଏକ ବାହିନୀ ମଙ୍ଗୋଲ ଅଲିବେଗ, ତରତକ ଓ ତର୍ଘିଙ୍କ ବିରୋଧରେ ପ୍ରେରଣ କରିଥିଲେ । ମହମ୍ମଦ ବିନ ତୁଗଲକଙ୍କ ଶାସନରେ ହିନ୍ଦୁ ହେଉ କି ମୁସଲମାନ ନିମ୍ନଜଙ୍କ ସ୍ଥିତି ଥିଲା ଦେଢ଼ ଶତାବ୍ଦୀ ପରିବ୍ୟାପ୍ତ ଏକ ସ୍ୱାଭାବିକ ପ୍ରକ୍ରିୟାର ଚରମ ବିନ୍ଦୁ । (Medieval India Quarterly, pg. 230) । ବରାନି ମହମ୍ମଦ ବିନ ତୁଗଲକଙ୍କୁ ସମାଲୋଚନା କରି କହନ୍ତି, 'ସେ ନିମ୍ନଜଙ୍କ ମଧ୍ୟରେ ନିମ୍ନତମ ହିନ୍ଦ ଓ ସିନ୍ଧର ତୁଚ୍ଛଜନ୍ମା ଉଦ୍ୟାନ ରକ୍ଷକ ପେରା ମାଲିକୁ ଦିୱାନ-ଇ-ୱିଜାରତ (ରାଜସ୍ୱ ମନ୍ତ୍ରଣାଳୟ) ଅର୍ପଣ କରି ମାଲିକ, ଅମିର, ୱାଲି ଓ ରାଜ୍ୟପାଳ (ମୁକ୍ତି)ଙ୍କ ମୁଣ୍ଡ ଉପରେ ବସାଇଥିଲେ । ' (Medieval India Quarterly, pg. 229)* । ସିକନ୍ଦର ଲୋଦି ଓ ଇବ୍ରାହିମ ଲୋଦିଙ୍କ ଶାସନ କାଳକୁ ବାଦ ଦେଲେ ସମଗ୍ର ଲୋଦି ରାଜତ୍ୱରେ ଆଫଗାନମାନଙ୍କ ସମତାର ଜନଜାତୀୟ ଅବଧାରଣା ଅଭିଜାତତନ୍ତ୍ର ପ୍ରତି ରାଜକୀୟ ମନୋବୃତ୍ତିର ନିୟାମକ ଥିଲା ।

## ୩.୩ ଉଲେମା

## ଏବଂ ରାଜନୀତିକ, ସାମାଜିକ ଓ ଧାର୍ମିକ କ୍ଷେତ୍ରର ବିଦ୍ୱାନ

ଦିଲ୍ଲୀ ସୁଲତାନୀ ଶାସନରେ କାର୍ଯ୍ୟ କରୁଥିବା ବିଭିନ୍ନ ପ୍ରାଶାସନିକ ଦପ୍ତର ଓ ଅନୁଷ୍ଠାନର ଅଧ୍ୟୟନରେ ଅଗ୍ରସର ହେବା ପୂର୍ବରୁ ଏହା ବୁଝିବା ମହତ୍ୱପୂର୍ଣ୍ଣ ଯେ ଅମଲାତାନ୍ତ୍ରିକ ପ୍ରଶାସନ ବୃହତ୍ ରାଜନୀତିକ

କ୍ଷେତ୍ରରେ କେନ୍ଦ୍ରୀୟ କର୍ତ୍ତୃତ୍ୱ ଓ ଉପସ୍ଥିତି ଅନୁଭୂତ କରାଇବାର କେବଳ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା । ଉଭୟ ଦରବାର ଏବଂ ପ୍ରଦେଶମାନଙ୍କରେ କାଜି ଓ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କ ମାଧ୍ୟମରେ ଉଲେମାଙ୍କ ଉପସ୍ଥିତି ଥିଲା ଦିଲ୍ଲୀ ସୁଲତାନୀ ଶାସନର ରାଜନୀତିକ ସମ୍ବାଦର ଏକ ଆନୁଷ୍ଠାନିକ ବିଶେଷତ୍ୱ ।

ଦିଲ୍ଲୀ ସୁଲତାନୀ ଶାସନରେ ରାଷ୍ଟ୍ରର ସ୍ୱରୂପ ନେଇ ଐତିହାସିକମାନଙ୍କ ମଧ୍ୟରେ ଯଥେଷ୍ଟ ବିତର୍କ ହୋଇସାରିଛି । ରାଜନୀତି ଓ ଧର୍ମ ସମ୍ପୂରକ ଦେଖାଯାଉଥିଲେ ସୁଦ୍ଧା ଉପଲବ୍ଧ ସାକ୍ଷ୍ୟ ଆଧାରରେ ଏ ଉଭୟ ଭିନ୍ନ ଭିନ୍ନ କ୍ଷେତ୍ରରେ କ୍ରିୟାଶୀଳ ଥିବା ଗ୍ରହଣ କରିବା ଯୁକ୍ତିଯୁକ୍ତ ହେବ । ଏକ ଗୋଷ୍ଠୀ ଭାବେ *ଉଲେମା*ମାନେ ଇସଲାମ ଧର୍ମର ପ୍ରଚାରକ ଓ ଅଭିଭାବକ ଭୂମିକା ନିର୍ବାହ କରୁଥିଲେ । ଅନ୍ତତଃ ଦିଲ୍ଲୀରେ ସୁଲତାନୀ ଶାସନ ପ୍ରତିଷ୍ଠାର ପ୍ରାରମ୍ଭ କାଳରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଉପମହାଦେଶ ବାହାରର । ପାରମ୍ପରିକ ଭାବେ ସେମାନେ ଇସଲାମୀ ଧାର୍ମିକ ଶୃଙ୍ଖଳା ରକ୍ଷା ପାଇଁ ଥିଲେ ପ୍ରତିବଦ୍ଧ । ଏଥି ପାଇଁ ସେମାନେ ବ୍ୟାପକ ଭାବେ ମୁସଲମାନ ସମ୍ପ୍ରଦାୟର ସମାଜନୈତିକ ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ । *ଉଲେମା*ମାନେ ଏକ ଶକ୍ତିଶାଳୀ ରାଜନୀତିକ ଗୋଷ୍ଠୀ ରୂପେ ଉଦିତ ହେଲେ ଏବଂ ଆସୀନ ଥିବା ଉଚ୍ଚ ବୈଚାରିକ ପଦବୀ ବଳରେ ରାଜା ଓ ଅଭିଜାତତନ୍ତ୍ର ଉପରେ ନିଜ ସପକ୍ଷରେ ଆଧିପତ୍ୟ ବିସ୍ତାର କରି ପାରୁଥିଲେ । ସେମାନେ ପ୍ରାଶାସନିକ ବିଶେଷତଃ ବିଚାର ବ୍ୟବସ୍ଥାରେ ଉଚ୍ଚ ପଦବୀରେ ଥିଲେ । ପ୍ରଫେସର ହବିବ କହନ୍ତି, 'ଏ ପରିସ୍ଥିତିରେ ଚତୁର ରାଜାମାନେ ସାଲିସ ଓ ସଂଯମର ନୀତି ଗ୍ରହଣ କରୁଥିଲେ । ସେମାନେ ମୁହଁରେ *ସାରିଆ*ର ସମାଦାର କରୁଥିଲେ ଏବଂ ଏହାର କୌଣସି ନିୟମ ଲାଗୁ କରି ନ ପାରିଲେ ପାପ ସ୍ୱୀକାର କରୁଥିଲେ । ସେମାନେ ରାଷ୍ଟ୍ର ନିୟନ୍ତ୍ରିତ *ମୁଲ୍ଲା*ମାନଙ୍କୁ ଶୃଙ୍ଖଳ ଓ ସନ୍ତୁଷ୍ଟ ରଖୁଥିଲେ । *ସାରିଆ* ନୀରବ ବା ପ୍ରାୟ ନୀରବ ଥିବା ପ୍ରଶାସନର ସକଳ କ୍ଷେତ୍ରରେ ସେମାନେ ନିଜ ନିୟମ ପ୍ରଣୟନ କରୁଥିଲେ । ଲୋକଙ୍କ ପାରମ୍ପରିକ ପ୍ରଥା *ସାରିଆ* ବିରୋଧରେ ଗଲେ ଉର୍ଫ ଆଳରେ ପାରମ୍ପରିକ ପ୍ରଥାକୁ *ସାରିଆ*ର ଉଲ୍ଲଙ୍ଘନ ପାଇଁ ଅନୁମୋଦନ କରୁଥିଲେ । ଏହିପରି ରାଜାଙ୍କ ସଂରକ୍ଷଣରେ ରାଷ୍ଟ୍ରର ନିୟମ *ଜୱାବିତ* ବିକାଶ ଲାଭ କଲା । ଏ ନିୟମାବଳୀ *ସାରିଆ*ର ବିରୋଧାଚରଣ କଲେ ସେମାନେ ନିଜ ସପକ୍ଷରେ ଆବଶ୍ୟକତା ଅଥବା *ଇସ୍ତିହାସନ*(ଜନକଲ୍ୟାଣ)ର ଦ୍ୱାହି ଦେଉଥିଲେ । ଏବଂ ନିଜର ବିକାଶ ପାଇଁ ଏହାର କୌଣସି ମାଧ୍ୟମ ନ ଥିବାର ପ୍ରାଥମିକ କାରଣ ଦର୍ଶାଇ *ସାରିଆ*ର ମେରୁଦଣ୍ଡକୁ ଭାଙ୍ଗି

ଦିଆଗଲା ।' *('Politics and society during the early medieval period', Collected works of Muhammad Habib, Volume-II, p.312.)* ।

ଉଲେମା କେନ୍ଦ୍ରରେ ବିଚାରପତି (ପ୍ରାୟ ଦେବାନୀ ମାମଲାର) ସଙ୍ଗକୁ ରାଜନୀତିକ ସାମ୍ରାଜ୍ୟର ଧାର୍ମିକ ମାନଦଣ୍ଡ ରୂପେ କାର୍ଯ୍ୟ କରୁଥିଲେ । ଆଲିମମାନେ ବେଳେ ବେଳେ *ମଦ୍ରାସ*ର ଅଧକ୍ଷ ନିଯୁକ୍ତ ହେଉଥିଲେ । ଉଦାହରଣ ସ୍ୱରୂପ *ତବକତ-ଇ-ନାସିରି*ର ଲେଖକ ମିହ୍ନାଜୁଦ୍ଦିନ ସିରାଜ ଦିଲ୍ଲୀ ନାସିରିୟା ମଦ୍ରାସାର ମୁଖ୍ୟ ରୂପେ ନିଯୁକ୍ତ ହୋଇଥିଲେ । ଏଇ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ମାଧ୍ୟମରେ *ଉଲେମା*ଙ୍କ ପ୍ରାଥମିକ ଲକ୍ଷ୍ୟ ଥିଲା ଧର୍ମ ବାଣୀର ପ୍ରସାର ଏବଂ ଇସଲାମୀୟ ଧର୍ମନୈତିକତାର ଉତ୍‌ଥାନ । ବହୁ ସମୟରେ ଏହା ଥିଲା ବିବାଦାସ୍ପଦ । କାରଣ କେବେ ହେଲେ ଇସଲାମର ଗୌରବ ବର୍ଦ୍ଧନ ନୁହେଁ ସାମ୍ରାଜ୍ୟର ରାଜନୀତିକ ଜୀବନର ସଫଳତା ଥିଲା ସୁଲତାନଙ୍କ ଅନ୍ତିମ ଉଦ୍ଦେଶ୍ୟ । ସଂଖ୍ୟାଗରିଷ୍ଠ ପ୍ରଜା ଅଣମୁସଲମାନ ଥିବାରୁ ସୁଲତାନ କେବଳ ଧର୍ମର ଧ୍ୱଜା ନ ଉଡ଼ାଇ ରାଜନୀତିକ ଚତୁରତାର ସହ କାର୍ଯ୍ୟ କରିବାକୁ ଆଗ୍ରହୀ ଥିଲେ ।

ଏଥିଯୋଗୁଁ ବହୁ ସମୟରେ *ଉଲେମା* ଓ ସୁଲତାନଙ୍କ ସ୍ୱାର୍ଥର ପ୍ରତ୍ୟକ୍ଷ ସଂଘର୍ଷ ଘଟୁଥିଲା । ଏ ପ୍ରସଙ୍ଗରେ ସୁଲତାନ ମହମ୍ମଦ ବିନ ତୁଗଲକଙ୍କ ରାଜତ୍ୱ ବିଶେଷ ମହତ୍ୱପୂର୍ଣ୍ଣ । ମହମ୍ମଦ ବିନ ତୁଗଲକ ଅନେକ ଅଣମୁସଲମାନଙ୍କୁ ରାଜକୀୟ ସେବାରେ ନିଯୁକ୍ତ କରିଥିଲେ । କାରଣ ସେମାନେ ଥିଲେ ମେଧାବୀ । ଜିଆଉଦ୍ଦିନ ବରାନିଙ୍କ ଭଳି ଆଲିମମାନେ ସେମାନଙ୍କ ରଚନାବଳୀରେ ଏହାର ଘୋର ନିନ୍ଦା କରିଛନ୍ତି । ସୁଲତାନ ଇଲତୁତମିସଙ୍କ ସମ୍ମାନରେ ରଚିତ ଫକ୍ର-ଇ-ମୁଦାବ୍‌ବିରଙ୍କ *ଅବଦୁଲ ହର୍ବ ୱ୍ସ ସୁଜା*ରେ ମଧ୍ୟ ରାଷ୍ଟ୍ରର ଅଧିକାରୀମାନଙ୍କ ଜନ୍ମର ଆଭିଜାତ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ମହମ୍ମଦ ତୁଗଲକଙ୍କ ନୀତିରୁ ଜଣାପଡ଼େ ଯେ ଧର୍ମୀୟ ଆଦର୍ଶର ଉତ୍‌ଥାନ ସବୁବେଳେ ସୁଲତାନଙ୍କ ପ୍ରାଥମିକତା ନ ଥିଲା । ଅଧିକନ୍ତୁ ସୁଲତାନ ଏବଂ *ଉଲେମା* ଓ ବିଦ୍ୱାନମାନଙ୍କ ସ୍ୱାର୍ଥ କ୍ୱଚିତ୍ ମେଳ ଖାଉଥିଲା ।

*ଉଲେମା* ସାଧାରଣ ଜନତା, ଅଭିଜାତ ଏପରିକି ସୁଲତାନଙ୍କୁ ଭଗବଦ୍ ବାଣୀର ଅନୁପାଳନ ପାଇଁ ଉପଦେଶ ଦେଉଥିଲେ । ଏହାର ପରିଣାମ ସ୍ୱରୂପ ସେମାନେ ସାମାଜିକ ନିୟନ୍ତ୍ରଣର ଏକ ମହତ୍ୱପୂର୍ଣ୍ଣ

ସାଧନରେ ପରିଣତ ହେଲେ । କାରଣ ସେମାନେ ମୁସଲମାନ ଓ ଅପର ପ୍ରଜାଙ୍କ ଉପରେ ଲଦିଦେଉଥିବା ଅନୁପାଳନର ବାର୍ତ୍ତା ଅନୁପାଳନ ଓ ତାରତମ୍ୟ ଭାବନା ଉତ୍ପନ୍ନ କରୁଥିଲା । ଏହା ଏକ ରାଜକୀୟ ରାଜନୀତିକ ସମ୍ବାଦର ସୂତ୍ରପାତ କରୁଥିଲା । ସୁଲତାନ ଅବଶ୍ୟ ପ୍ରାଶାସନିକ ନିୟନ୍ତ୍ରଣ ପାଇଁ ଧାର୍ମିକ ଅମୂର୍ତ୍ତତା ଉପରେ ଏକାନ୍ତ ନିର୍ଭରଶୀଳ ନ ଥିଲେ । ସେ ଉଭୟ କେନ୍ଦ୍ରୀୟ କ୍ଷେତ୍ର ଓ ବୃହତ୍ ରାଜନୀତିକ ପରିସରରେ ନିଜ ନିୟନ୍ତ୍ରଣ ପ୍ରତିଷ୍ଠା ପାଇଁ ବହୁ ସଂଖ୍ୟକ ଅନ୍ୟ ଦପ୍ତର ଖୋଲିଥିଲେ ।

## ୩.୪ ସୁଫିଗଣ

ପୂର୍ବବର୍ତ୍ତୀ ଚିସ୍ତି ଓ ବିଜାପୁର ରାଜ୍ୟର ସାହାପୁର ଗିରି ଚିସ୍ତିମାନଙ୍କୁ ବାଦ ଦେଲେ ପରବର୍ତ୍ତୀ ଚିସ୍ତି ସମେତ ଅପର ସମସ୍ତ ସୁଫି ସିଲସିଲା ରାଷ୍ଟ୍ରୀୟ ବ୍ୟାପାରରେ ସଂପୃକ୍ତ ଥିଲେ ଏବଂ ରାଜ ପୃଷ୍ଠପୋଷକତା ଗ୍ରହଣ କରୁଥିଲେ । ଚିସ୍ତି ସୁଫିମାନେ କୌଣସି କୌଣସି ସୁଲତାନ ଅନୁସରଣ କରୁଥିବା ନୀତି ସହ ଅସମ୍ମତି ପ୍ରକାଶ କରୁଥିବାର ଦୃଷ୍ଟାନ୍ତ- ଯେଉଳିକି ମହମ୍ମଦ ତୁଗଲକଙ୍କ ଶାସନ କାଳରେ ଘଟିଥିଲା- ମଧ୍ୟ ରହିଛି । ଅପର ସୁଫିମାନେ ରାଷ୍ଟ୍ରକଳର ଅଙ୍ଗୀଭୂତ ହୋଇ ସେବା କରୁଥିବା ବେଳେ ପୂର୍ବବର୍ତ୍ତୀ ସୁଫିମାନେ ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ଜନତାଙ୍କ ମଧ୍ୟରେ ସଙ୍ଗତ ଜୀବନଯାପନର ଏକ ବାତାବରଣ ସୃଷ୍ଟି କରି ରାଷ୍ଟ୍ରର ସହାୟତା କରୁଥିଲେ ।

ପ୍ରଥମ ପର୍ଯ୍ୟାୟର ମହାନ ଚିସ୍ତି ଗୁରୁମାନଙ୍କ ସମେତ କୌଣସି ବି ସୁଫି କୌଣସି ସମୟରେ ପ୍ରଚଳିତ ରାଜନୀତିକ ବ୍ୟବସ୍ଥା ଓ ଶ୍ରେଣୀ ସଂରଚନା ଉପରେ ଆଦୌ ପ୍ରଶ୍ନ ଉଠାଇ ନ ଥିଲେ । ଅତି ବେଶିରେ ଭୂରାଜସ୍ୱ ଆଦାୟ ବେଳେ କୃଷକମାନଙ୍କ ପ୍ରତି ନରମ ମନୋଭାବ ପୋଷଣ ପାଇଁ ସେମାନେ ରାଜ କର୍ମଚାରୀଙ୍କୁ ପରାମର୍ଶ ଦେଉଥିଲେ । ଅପର ପକ୍ଷରେ ରାଷ୍ଟ୍ରର ଅନୁକମ୍ପା ହାସଲ ଓ ଦରବାରୀ କାର୍ଯ୍ୟକଳାପରେ ସଂପୃକ୍ତିରୁ ସେମାନେ ସାଧାରଣ ଅନୁଗାମୀଙ୍କୁ ନିବର୍ତ୍ତାଉ ନ ଥିଲେ । ଅନ୍ୟଥା ଉଗ୍ର ସୁଫି ଶୃଙ୍ଖଳା ସମ୍ଭବତଃ ଏଇ ସୀମାବଦ୍ଧତା ଯୋଗୁଁ ଅବସ୍ଥାନ୍ତରରେ ରାଜ ପୃଷ୍ଠପୋଷକତା ଗ୍ରହଣ ଓ ଦରବାରୀ ରାଜନୀତିରେ ସଂପୃକ୍ତି ଆଡ଼କୁ ଗତି କରିବା ସୁଗମ ହୋଇପାରି ଥିଲା ।

## ୩.୫ ସାମ୍ରାଜ୍ୟ ସ୍ମାରକ

କୁତବୁଦ୍ଦିନ ଆଇବାକ ଦୁଇଟି ମସଜିଦ ନିର୍ମାଣ କରାଇଥିଲେ । ଗୋଟିଏ ଦିଲ୍ଲୀର କୁଓ୍ୱାତ-ଉଲ-ଇସଲାମ ମସଜିଦ ଏବଂ ଅପରଟି ଅଜମେରର ଢାଇ ଦିନ କା ଝୋମ୍ପଡ଼ା । ପ୍ରଥମଟି ଗୋଟିଏ ବିଧ୍ୱସ୍ତ ମନ୍ଦିର ଏବଂ ଦ୍ୱିତୀୟଟି ଏକ ବିଧ୍ୱସ୍ତ ସଂସ୍କୃତ ମହାବିଦ୍ୟାଳୟ ସ୍ଥଳରେ ନିର୍ମିତ ହୋଇଥିଲା । ଅତଏବ ମସଜିଦ ଦୁଇଟିରେ ଉଭୟ ହିନ୍ଦୁ ଓ ମୁସଲମାନ କଳାର ଛାପ ରହିଛି । ସୁଲତାନ ଇଲତୁତମିସ ଓ ଆଲାଉଦ୍ଦିନ ଖାଲଜି କୁଓ୍ୱାତ-ଉଲ-ଇସଲାମ ମସଜିଦର ସମ୍ପ୍ରସାରଣ ଘଟାଇଥିଲେ ।

କୁତବ ମୀନାର ନିର୍ମାଣର ମୂଳ ଯୋଜନା ଥିଲା ଆଇବାକଙ୍କର । ଏହା କିନ୍ତୁ ଇଲତୁତମିସଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ହୋଇଥିଲା । କୁତବ ମୀନାରର ଯୋଜନା ଥିଲା ଶୁଦ୍ଧ ଇସଲାମୀୟ । କାରଣ ଏହାର ମୂଳ ଉଦ୍ଦେଶ୍ୟ ଥିଲା ମୁସଲମାନମାନଙ୍କୁ ପ୍ରାର୍ଥନା ନିମିତ୍ତ ଆହ୍ୱାନ କରିବା ଲାଗି ମୁଅଜ୍ଜିନଙ୍କ ପାଇଁ ଏକ ସ୍ଥଳ ନିର୍ମାଣ । ତେବେ ପରବର୍ତ୍ତୀ କାଳରେ ଏହା ଏକ ବିଜୟ ମୀନାର ରୂପେ ଖ୍ୟାତି ପ୍ରାପ୍ତ ହୋଇଥିଲା । ଇଲତୁତମିସ ଏହାର ଚାରୋଟି ତଳ ନିର୍ମାଣ କରିଥିଲେ । ସେତେବେଳେ ଏହାର ଉଚ୍ଚତା ଥିଲା ୨୨୫ ଫୁଟ । କିନ୍ତୁ ଫିରୋଜ ତୁଗଲକଙ୍କ ଶାସନ କାଳରେ ଏହାର ଚତୁର୍ଥ ତଳ ତଡ଼ିତ୍ ଆଘାତରେ କ୍ଷତିଗ୍ରସ୍ତ ହେଲା । ସେ ଦୁଇଟି କ୍ଷୁଦ୍ର ତଳ ନିର୍ମାଣ ଦ୍ୱାରା ଏହାକୁ ପ୍ରତିସ୍ଥାପନ କରିବାରୁ ଉଚ୍ଚତା ୨୩୪ ଫୁଟକୁ ବଢ଼ିଗଲା । କୁତବ ମୀନାର ଏକ ଚିତ୍ତାକର୍ଷକ ନିର୍ମାଣ । ଫର୍ଗୁସନ ଏହାକୁ 'ସମଗ୍ର ବିଶ୍ୱରେ ଅବସ୍ଥିତ ମୀନାରର ସର୍ବୋତ୍ତମ ଦୃଷ୍ଟାନ୍ତ' ବିବେଚନା କରନ୍ତି । କୁତବ ମୀନାରକୁ ପୂର୍ଣ୍ଣାଙ୍ଗ କରାଇବା ସମେତ ଇଲତୁତମିସ ଏହା ଠାରୁ ପ୍ରାୟ ତିନି ମାଇଲ ଦୂରରେ ତାଙ୍କ ଜ୍ୟେଷ୍ଠ ପୁତ୍ରଙ୍କ କବର ସ୍ଥଳରେ ଏକ ସମାଧି ନିର୍ମାଣ କରାଇଥିଲେ । ଏହା ସୁଲତାନ-ଏ-ଗଢ଼ି ନାମରେ ସୁବିଦିତ । ସେ ମଧ୍ୟ କୁତବ ମୀନାର ନିକଟରେ ଏକ ସୁଗଠିତ ଏକକ ପ୍ରକୋଷ୍ଠ ନିର୍ମାଣ କରାଇଥିଲେ । ସମ୍ଭବତଃ ଏହା ଥିଲା ତାଙ୍କ ନିଜ କବର ଉପରିସ୍ଥ ସମାଧି । ଇଲତୁତମିସଙ୍କ ଆଉ କେତେକ ନିର୍ମାଣ ହେଉଛି: ହୌଜ-ଇ-ସାମସି, ସାମସି-ଇଦ୍‌ଗାହ, ବଦାୟୁଁର ଜାମି ମସଜିଦ ଏବଂ ନାଗୌଡ଼(ଯୋଧପୁର)ର ଅତରକିନ-କା-ଦରଓ୍ୱାଜା । ସେ ମଧ୍ୟ କୁଓ୍ୱାତ-ଉଲ-ଇସଲାମ ମସଜିଦ ଏବଂ ଢାଇ ଦିନ କା ଝୋମ୍ପଡ଼ାରେ କେତେକ ନିର୍ମାଣ ସଂଯୋଗ କରାଇଥିଲେ ।

ବଲବନ ଦିଲ୍ଲୀରେ ନିଜ ସମାଧି ଏବଂ ଲାଲ ପ୍ରାସାଦ ନିର୍ମାଣ କରାଇଥିଲେ । ସମ୍ପ୍ରତି ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିବା ସତ୍ତ୍ୱେ ତାଙ୍କ ସମାଧି ଭାରତ-ଇସଲାମୀୟ ସ୍ଥାପତ୍ୟର ବିକାଶ କ୍ଷେତ୍ରରେ ଏକ ପ୍ରଖ୍ୟାତ ଐତିହାସିକ ଘଟଣା ରୂପେ ପରିଗଣିତ ହୁଏ ।

ଆର୍ଥିକ ସଂସାଧନ ଦୃଷ୍ଟିରୁ ଆଲାଉଦ୍ଦିନ ଖାଲଜି ଥିଲେ ଯଥେଷ୍ଟ ସ୍ୱଚ୍ଛଳ । ସେ ତେଣୁ ସୁନ୍ଦର ଭବନମାନ ନିର୍ମାଣ କରାଇଥିଲେ । ତାଙ୍କ ଭବନ ସମୂହ ସମ୍ପୂର୍ଣ୍ଣ ଇସଲାମୀୟ ଦୃଷ୍ଟିକୋଣରୁ ନିର୍ମିତ ହୋଇଥିଲା । ଏ ମଧ୍ୟରୁ କେତୋଟି ଭାରତୀୟ ଇସଲାମୀୟ କଳାର ଶ୍ରେଷ୍ଠ ଦୃଷ୍ଟାନ୍ତ ରୂପେ ବିବେଚିତ ହୁଏ । କୁତବ ମୀନାର ନିକଟରେ ଏକ କ୍ଷୁଦ୍ର ଓ ବୃହତ୍ ମସଜିଦ ନିର୍ମାଣ କରାଇବାର ଯୋଜନା ତାଙ୍କର ଥିଲା । କିନ୍ତୁ ଆଲାଉଦ୍ଦିନଙ୍କ ମୃତ୍ୟୁ ହେତୁ ଏହା ଫଳବତୀ ହୋଇପାରି ନ ଥିଲା । ତଥାପି ସେ ସିରି ନଗର ପ୍ରତିଷ୍ଠା କରିଥିଲେ । ଏହା ମଧ୍ୟରେ ସହସ୍ର ସ୍ତମ୍ଭ ବିଶିଷ୍ଟ ଏକ ପ୍ରାସାଦ ନିର୍ମାଣ କରାଇଥିଲେ । ନିଜାମୁଦ୍ଦିନ ଔଲିୟାଙ୍କ ପୁଣ୍ୟ ସ୍ଥଳରେ ଜମାଏତ ଖାଁ ମସଜିଦ ଏବଂ କୁତବ ମୀନାରର ପ୍ରସିଦ୍ଧ ଆଲାଇ ଦରୱାଜା ତାଙ୍କ ଦ୍ୱାରା ନିର୍ମାଣ କରାଯାଇ ଥିଲା । ତାଙ୍କ ନଗର ଓ ପ୍ରାସାଦ ଧ୍ୱଂସ ପାଇଯାଇଛି । କିନ୍ତୁ ଜମାଏତ ଖାଁ ମସଜିଦ ଓ ଆଲାଇ ଦରୱାଜା ଆଜି ବି ବିରାଜମାନ । ଏ ଦୁଇଟି ଇସଲାମୀୟ କଳାର ସୁନ୍ଦର ନମୁନା ବିବେଚିତ ହୁଏ । ମାର୍ଶଲଙ୍କ ମତରେ 'ଆଲାଇ ଦରୱାଜା ଇସଲାମୀୟ ସ୍ଥାପତ୍ୟର ଅନ୍ୟତମ ଶ୍ରେଷ୍ଠ ବହୁମୂଲ୍ୟ ରତ୍ନ ।' ଆଲାଉଦ୍ଦିନ ମଧ୍ୟ ପୁରୁଣା ଦିଲ୍ଲୀ ନଗରୀ ସମୀପବର୍ତ୍ତୀ ତାଙ୍କ ନବ ନିର୍ମିତ ସିରି ନଗର ନିକଟରେ ହୌଜ-ଇ-ଆଲାଇ ବା ହୌଜ-ଇ-ଖାସ ନାମରେ ବିଦିତ ଏକ ଭବ୍ୟ ପୁଷ୍କରିଣୀ ନିର୍ମାଣ କରାଇଥିଲେ ।

ତୁଗଲକ ସୁଲତାନମାନେ ସୁନ୍ଦର ଭବନ ନିର୍ମାଣ କରାଇ ନାହାନ୍ତି । ଏହାର ପ୍ରାଥମିକ କାରଣ ସମ୍ଭବତଃ ସେମାନଙ୍କ ଆର୍ଥିକ ଅସୁବିଧା । ଏହା ସଙ୍ଗକୁ ରୁଚି ଦୃଷ୍ଟିରୁ ସେମାନେ ଥିଲେ ଶୁଚିବାଦୀ । ଅତଏବ ନିର୍ମାଣରେ ଅଳଙ୍କରଣକୁ ଏଡ଼ାଇ ଯାଇଛନ୍ତି । ଗିୟାସୁଦ୍ଦିନ କୁତବ କ୍ଷେତ୍ରର ପୂର୍ବକୁ ନୂତନ ନଗରୀ ତୁଗଲକାବାଦ, ସ୍ୱୀୟ ସମାଧି ଏବଂ ଏକ ପ୍ରାସାଦ ନିର୍ମାଣ କରାଇଛନ୍ତି । ଇବନ ବତୁତା ତାଙ୍କ ପ୍ରାସାଦ ସମ୍ପର୍କରେ ଉଲ୍ଲେଖ କରିଛନ୍ତି: ସୁର୍ଣ୍ଣାଭ ଇଷ୍ଟକରେ ଏହା ନିର୍ମିତ ହୋଇଥିଲା । ସୂର୍ଯ୍ୟୋଦୟ ବେଳେ ଏହା ଏଭଳି ଝଲମଲ ଝଟକୁଥିଲା ଯେ କେହି ଦୀର୍ଘ ସମୟ ଅବଲୋକନ କରିପାରୁ ନ

ଥିଲେ । ତେବେ ତାଙ୍କ ପ୍ରାସାଦ ଓ ନଗରୀ ଏବେ ଧ୍ୱସ୍ତ ହୋଇ ସାରିଛି । ଲାଲ ପ୍ରସ୍ତରରେ ନିର୍ମିତ ସମାଧିଟି କିନ୍ତୁ ଏକ ଦୃଢ଼, କ୍ଷୁଦ୍ର ଅଥଚ ଭବ୍ୟତା ବିହୀନ ଦୁର୍ଗର ଧାରଣା ପ୍ରଦାନ କରେ ।

ମହମ୍ମଦ ତୁଗଲକ ପୁରୁଣା ଦିଲ୍ଲୀ ନଗରୀ ସମୀପରେ ନୂତନ ନଗର ଜହାଁପନାହ, ଆଦିଲାବାଦ ଦୁର୍ଗ ଏବଂ ଦୌଲତାବାଦର କେତେକ ଭବନ ନିର୍ମାଣ କରାଇଥିଲେ । କିନ୍ତୁ ତାଙ୍କର ସକଳ ନିର୍ମାଣ ଧ୍ୱଂସ ପାଇଯାଇଛି । କେବଳ ଦୁଇଟି ନିର୍ମାଣ ସତପଲାହବନ୍ଧ ଏବଂ ବିଜୟମଣ୍ଡଳର ଅବଶେଷାଂଶ ମିଳେ ।

ଫିରୋଜ ତୁଗଲକ ଅନେକ ଭବନ ନିର୍ମାଣ କରାଇଥିଲେ । କିନ୍ତୁ ସେସବୁ ଥିଲା ସାଧାରଣ ଓ ଦୁର୍ବଳ । ତାଙ୍କର ପ୍ରଖ୍ୟାତ ନିର୍ମାଣ ମଧ୍ୟରେ ପୁରୁଣା ଦିଲ୍ଲୀ ନଗରୀ ସମୀପବର୍ତ୍ତୀ ନୂତନ ନଗର ଫିରୋଜାବାଦ, କୋଟଲା ଫିରୋଜ ସାହ ନାମରେ ବିଦିତ ଏହା ମଧ୍ୟସ୍ଥ ପ୍ରାସାଦ-ଦୁର୍ଗ, ଏକ ମହାବିଦ୍ୟାଳୟ ଏବଂ ହୌଜ-ଇ-ଖାସ ନିକଟସ୍ଥ ତାଙ୍କ ସମାଧି ଅନ୍ତର୍ଭୁକ୍ତ ।

ତାଙ୍କ ସମୟରେ ଦରବାରର ଜଣେ ଅଭିଜାତ ଖାଁ-ଇ-ଜହାଁ ଜୌନା ସାହ ଜହାଁପନାହ ନଗରରେ ନିଜ ପିତାଙ୍କ ସମାଧି, ତିଲଙ୍ଗାନି, କାଳୀ ମସଜିଦ ଓ ଖିଡ଼କି ମସଜିଦ ନିର୍ମାଣ କରାଇଥିଲେ । କବିର-ଉଦ୍ଦିନ ଔଲିୟାଙ୍କ କବରରେ ନାସିରୁଦ୍ଦିନ ମହମ୍ମଦ ତୁଗଲକ ସାହଙ୍କ ଦ୍ୱାରା ଲାଲ ଗମ୍ବୁଜ ନାମରେ ବିଦିତ ଏକ ସୁନ୍ଦର ଭବନ ନିର୍ମିତ ହୋଇଥିଲା ।

ଲୋଦି ଓ ସୟୟିଦ ସୁଲତାନମାନଙ୍କ ନିର୍ମିତ ଭବନ ମଧ୍ୟରୁ ପ୍ରଖ୍ୟାତ କେତୋଟି ହେଉଛି: ମୁବାରକ ସାହ ସୟୟିଦ, ମହମ୍ମଦ ସାହ ସୟୟିଦ ଓ ସିକନ୍ଦର ଲୋଦିଙ୍କ ସମାଧି ଏବଂ ସିକନ୍ଦର ଲୋଦିଙ୍କ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଲ୍ଲୀରେ ନିର୍ମିତ ମୋତ-କି-ମସଜିଦ ରୂପେ ବିଦିତ ଏକ ମସଜିଦ ।

ଦିଲ୍ଲୀର ସୁଲତାନମାନଙ୍କ ଦ୍ୱାରା ନିର୍ମିତ ଭବନ ମଧ୍ୟରୁ ନଗର, ପ୍ରାସାଦ ଓ ଦୁର୍ଗ ସମୂହ ଧ୍ୱଂସ ହୋଇ ସାରିଛି । କେବଳ କେତେକ ସମାଧି, ମସଜିଦ ଓ ମୀନାର ଏ ପର୍ଯ୍ୟନ୍ତ ତିଷ୍ଠି ରହିଛି । ତିଷ୍ଠି ରହିଥିବା ନିର୍ମାଣଗୁଡ଼ିକ ଚମତ୍କାରୀ ନ ହେଲେ ସୁଦ୍ଧା ବହୁଳାଂଶରେ ପ୍ରାରମ୍ଭିକ ଭାରତ-ଇସଲାମୀୟ ସ୍ଥାପତ୍ୟର ସୁନ୍ଦର ନମୁନା । ଏ ମଧ୍ୟରେ ସର୍ବୋତ୍ତମ ହେଉଛି କୁତବ ମୀନାର ଓ ଆଲାଇ ଦରୱାଜା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଦିଲ୍ଲୀ ସୁଲତାନୀ ଶାସନର ରାଜନୀତିକ ବ୍ୟାପାରରେ ଅଭିଜାତମାନଙ୍କ ସଂପୃକ୍ତି ଆଲୋଚନା କରନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ଦିଲ୍ଲୀ ସୁଲତାନୀ ଶାସନ କାଳରେ ନିର୍ମିତ ସାମ୍ରାଜ୍ୟ ସ୍ମାରକଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଉଲ୍ଲେଖ କରନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୩.୬ ସାରାଂଶ

ଦିଲ୍ଲୀରେ ସୁଲତାନୀ ଶାସନ ପ୍ରତିଷ୍ଠା ଫଳରେ ଶୀର୍ଷ ସ୍ତରରେ ଏକ ସମ୍ପୂର୍ଣ୍ଣ ନୂତନ ପ୍ରାଶାସନିକ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଗଣା ଓ ଗ୍ରାମ ସ୍ତରରେ ମାତ୍ର ସାମାନ୍ୟ ପରିବର୍ତ୍ତନ ସଂଘଟିତ ହୋଇଥିଲା । କେବଳ ପ୍ରଜାଙ୍କ ଉପରେ ନୁହେଁ ଅଭିଜାତ ଓ ଅଧିକାରୀଙ୍କ ଉପରେ ମଧ୍ୟ ସୁଲତାନଙ୍କର ଅମିତ କ୍ଷମତା ରହିଥିଲା । ସୁଲତାନଙ୍କ କ୍ଷମତା ଓ କର୍ତ୍ତୃତ୍ୱ ଦିଲ୍ଲୀ ଓ ପାର୍ଶ୍ୱବର୍ତ୍ତୀ ପରିବେଷ୍ଟନୀରେ ଥିଲା ସର୍ବାଧିକ ଦୃଶ୍ୟମାନ । ଏହା ତେଣୁ ପ୍ରଧାନ କ୍ଷେତ୍ର ରୂପେ ବିଚାର୍ଯ୍ୟ । ଦୂରବର୍ତ୍ତୀ ଅଞ୍ଚଳ ଓ ବାହ୍ୟ ପ୍ରଦେଶଗୁଡ଼ିକରେ ମଧ୍ୟ ସୁଲତାନଙ୍କ କର୍ତ୍ତୃତ୍ୱ ଚାଲୁଥିଲା । କିନ୍ତୁ ଏହା ଥିଲା ସୀମିତ;

ପ୍ରଦେଶ ଶାସନ କରୁଥିବା ଅଧିକାରୀଙ୍କ ଉପରେ ନିର୍ଭରଶୀଳ । ସୁଲତାନୀ ଶାସନର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଭିଜାତମାନେ ସୁଲତାନଙ୍କ କର୍ତ୍ତୃତ୍ୱରେ ଭାଗ ବସାଉଥିଲେ । କିନ୍ତୁ ବଲବନଙ୍କ ସମୟରୁ ଆରମ୍ଭ କରି ଖାଲଜି ଓ ତୁଗଲକ ଶାସନ କାଳ ପର୍ଯ୍ୟନ୍ତ ସର୍ବଶକ୍ତିମାନ ରୂପେ ସୁଲତାନଙ୍କର ଅଭ୍ୟୁଦୟ ହେଲା । ଉଲେମା ଓ ବିଦ୍ୱାନ ଗୋଷ୍ଠୀର ପ୍ରାଶାସନିକ ପ୍ରକ୍ରିୟାରେ କେବଳ ଏକ ସୀମିତ ଭୂମିକା ରହିଥିଲା ।

## ୩.୭ ସୂଚକ ଶବ୍ଦାବଳୀ

**ଅମିର:** ଅଧିକାରୀ ।

**ଚୌଧୁରୀ:** ଏକ ଶତ ଗ୍ରାମ ବା ପ୍ରଗଣାର ମୁଖ୍ୟ ।

**ଜମା:** ଆକଳିତ ରାଜସ୍ୱ ।

**ଖୋଟ:** ଗ୍ରାମ କର୍ମଚାରୀ/ରାଜସ୍ୱ ସଂଗ୍ରାହକ ।

**ଖୁତବା:** ଶୁକ୍ରବାର ମସଜିଦରେ ଆବୃତ୍ତି କରାଯାଉ ଥିବା ଏକ ଧର୍ମୋପଦେଶ ଯେଉଁଥିରେ ଶାସକଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥାଏ ।

## ୩.୮ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୩.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୩.୫ ଦେଖନ୍ତୁ ।

## ୩.୯ ପରବର୍ତ୍ତୀ ପଠନ

1. Maiti, P., and Saha, P.K. (2000). *Medieval India (1206 A.D.-1707 A.D.)*. Calcutta, India: Sreedhar Publishers.

2. Mehta, J.L. (1986). *Advanced Study in the History of Medieval India, Vol-I (1000-1526)*. New Delhi: Sterling Publisher Pvt. Ltd.

3. SSiddiqui, I.H., (2011, reprint) *Delhi Sultanate: Urbanization and Social Change* (New Delhi: Viva Books).

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in